ଧରିତ୍ରୀ
DHARITRI
December 11-17, 2022 ₹ 2/-

# ଛୁଟିଦିନ




# ଶୀତ ମହୋତ୍ସବ

ଉତ୍ସବ ତ ଅନେକ ରହିଛି। ହେଲେ ଏହା ଖାସ୍ ଶୀତଦିନ ପାଇଁ, ଯାହାକୁ ଦେଖିବାକୁ ଆଉ ଏଥିରେ ସାମିଲ ହେବାକୁ ପ୍ରତିବର୍ଷ ଦେଶବିଦେଶର ପର୍ଯ୍ୟଟକ ବେଶ୍ ଉତ୍ସାହର ସହ ଅପେକ୍ଷା କରିଥା'ନ୍ତି । ସେମିତି କିଛି ଶୀତ ମହୋତ୍ସବକୁ ନେଇ ଉପସ୍ଥାପନା...

ପ୍ରଚ୍ଛଦ ପ୍ରସଙ୍ଗ

୩

# କମ୍ ଖର୍ଚ୍ଚରେ ବାସ୍ତୁଦୋଷ ଦୂର

ଘରେ ବାସ୍ତୁଦୋଷ ଥିଲେ, ବିଭିନ୍ନ ପ୍ରକାର ସମସ୍ୟା ଆସେ ବୋଲି ଅନେକଙ୍କର ବିଶ୍ୱାସ ଥାଏ। ସେଥିପାଇଁ କିଏ କେତେ ଖର୍ଚ୍ଚ କରି କେତେ ଉପାୟ ଆପଣାନ୍ତି ଏହି ଦୋଷ ଦୂର କରିବାକୁ। କିନ୍ତୁ ଏମିତି କିଛି ସହଜ ଉପାୟ ରହିଛି, ଯାହାକୁ ଆପଣାଇଲେ ଖୁବ୍ କମ୍ ଖର୍ଚ୍ଚରେ ବାସ୍ତୁଦୋଷକୁ ଦୂର କରିହେବ...

* କଳସକୁ ଭଗବାନ ଗଣେଶଙ୍କର ଏକ ସ୍ୱରୂପ ବୋଲି କୁହାଯାଏ। ତେଣୁ ଘରର ଉତ୍ତର-ପୂର୍ବ ଅଥବା ଐଶାନ କୋଣରେ କଳସ ସ୍ଥାପନା କରିବା ଦ୍ୱାରା ଭଗବାନ ଗଣେଶଙ୍କର କୃପାଦୃଷ୍ଟି ଘର ଉପରେ ପଡିଥାଏ ବୋଲି ବିଶ୍ୱାସ ରହିଛି।

* ଘରର ମୁଖ୍ୟ ଦ୍ୱାର ନିକଟରେ ସିନ୍ଦୁରରେ ସ୍ୱସ୍ତିକ ଚିହ୍ନ ବି



କରିପାରିବେ। କିନ୍ତୁ ଧ୍ୟାନ ରଖିବେ, ଏହି ସ୍ୱସ୍ତିକ ଚିହ୍ନର ଲମ୍ବା ଓ ଚଉଡ଼ା ଯେମିତି ଉଭୟ ପଟକୁ ୯ ଆଙ୍ଗୁଠି ବ୍ୟବଧାନରେ ରହୁଥିବ।

* ବାସ୍ତୁଶାସ୍ତ୍ରରେ ଘୋଡାର ନାଲକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଥାଏ। ଏହି ନାଲକୁ ଘରର ମୁଖ୍ୟଦ୍ୱାରରେ ଟାଙ୍ଗିଲେ ବାସ୍ତୁଦୋଷ ଠିକ୍ ହେବା ସହ ସୌଭାଗ୍ୟପ୍ରାପ୍ତି ହୋଇଥାଏ ବୋଲି ମାନ୍ୟତା ରହିଛି।

* ଯଦି ଘରର ପ୍ରବେଶ ଦ୍ୱାର ଦକ୍ଷିଣ ଦିଗକୁ ରହିଥାଏ, ତା'ହେଲେ ପ୍ରବେଶ ଦ୍ୱାର ନିକଟରେ ପଞ୍ଚମୁଖୀ ହନୁମାନଙ୍କର ଫଟୋ ଲଗାଇବା ଶୁଭ ହୋଇଥାଏ। ଅନ୍ୟପକ୍ଷେ ପଞ୍ଚଧାତୁରେ ତିଆରି ପିରାମିଡ୍‌ର ପ୍ରତୀମାକୁ ବି ପ୍ରବେଶ ଦ୍ୱାରରେ ରଖିପାରିବେ।

* ଘରର ବାସ୍ତୁଦୋଷ ଥିବା ସ୍ଥାନରେ ଗିନାରେ କିଛି କର୍ପୂର ରଖିବେ। ଏପରି କଲେ ବି ବାସ୍ତୁଦୋଷରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୧୧-୧୭

**ମେଷ**
ସୁସ୍ଥତା ଫେରିବ, କାମ ଅସମ୍ପୂର୍ଣ୍ଣ ରହିବ, ଅର୍ଥାଭାବର ଅନୁଭବ, ନୂଆବନ୍ଧୁ ଆସିବେ,ଆଲୋଚନା ଫଳପ୍ରଦ ହେବ, ସମ୍ପର୍କୀୟ ସହଯୋଗ କରିବେ, ସନ୍ତାନଙ୍କୁ ଥଣ୍ଡାକାଶ, ବ୍ୟବସାୟ ମଧ୍ୟମ, ପାରିବାରିକ ମତାନ୍ତର, ମାଙ୍ଗଳିକ କାର୍ଯ୍ୟରେ ଯାତ୍ରା ॥

**ବୃଷ**
ପାରିବାରିକ ସମସ୍ୟା, କ୍ରନିକରୋଗରେ ପୀଡା, ସହକର୍ମୀ ଦାଉ ସାଧିବେ, ମୂଲ୍ୟବାନ୍ ଜିନିଷ କ୍ରୟ, ସାଂସ୍କୃତିକ କାର୍ଯ୍ୟକ୍ରମର ମଉକା, ଧର୍ମକାର୍ଯ୍ୟ କରିବେ, ଉପରିସ୍ଥଙ୍କ ଅନୁକମ୍ପା, ଦୂରଯାତ୍ରାର ଯୋଜନା ॥

**ମିଥୁନ**
କର୍ମକ୍ଷେତ୍ରରେ ବିଶୃଙ୍ଖଳା, ବନ୍ଧୁଙ୍କ ସାନ୍ତ୍ୱନା, ସ୍ୱଜନଙ୍କ ପରାମର୍ଶ, ଋଣ କରିବାକୁ ପଡିବ, ଭ୍ରମଣଯୋଗୁ କ୍ଳାନ୍ତି, ସନ୍ତାନ ହେତୁକ ଦ୍ୱନ୍ଦ୍ୱ, ସତ୍‌ସଙ୍ଗର ସୁଯୋଗ, ଅତିଥୀଙ୍କ ଆଚରଣରେ ସନ୍ଦେହ, ବାଦବିବାଦ ବଢିପାରେ, କାର୍ଯ୍ୟସିଦ୍ଧି ଘଟିବ ॥

**କର୍କଟ**
ଭ୍ରମଣଜନିତ କ୍ଳାନ୍ତି, ଶୁଭକାର୍ଯ୍ୟର ପ୍ରସ୍ତୁତି, ପଡୋଶୀଙ୍କ ପ୍ରତି ସତର୍କ ରହିବେ, ଆତିଥେୟ ପାଇବେ, ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି, ବିପନ୍ନ ଆର୍ଥିକ ସ୍ଥିତି, ସହକର୍ମୀଙ୍କ ବଦାନ୍ୟତା, ବାଣିଜ୍ୟରେ ଉନ୍ନତି ॥

**ସିଂହ**
କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ଭ୍ରାତୃସମ୍ପର୍କରେ ଉନ୍ନତି, ମନୋରଞ୍ଜନରେ ଆଗ୍ରହ, ବିଳମ୍ବରେ କାର୍ଯ୍ୟସିଦ୍ଧି, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ବିବାଦର ସମାଧାନ, ଧର୍ମକାର୍ଯ୍ୟରେ କଳହ, ଶିଳ୍ପ ବାଣିଜ୍ୟରେ ଉନ୍ନତି ।।

**କନ୍ୟା**
ନୂତନ ଯୋଜନାରମ୍ଭ, ଅଂଶୀଦାରଙ୍କ ସହଯୋଗ, ବୈବାହିକ ଆଲୋଚନା, ବନ୍ଧୁ ମିଳନ, କର୍ମକ୍ଷେତ୍ରରେ ଦକ୍ଷତା, ସ୍ଥାନାନ୍ତର ଚିନ୍ତା, ରାଜନୈତିକ ପୃଷ୍ଠପୋଷକତା, ଭାବପ୍ରବଣତା ବୃଦ୍ଧି, କାର୍ଯ୍ୟରେ ସଫଳତା ॥

**ତୁଳା**
ବନ୍ଧୁମିଳନ ଘଟିବ, ଭ୍ରମଣ ସୁଯୋଗ ଜୁଟିବ, ଅଭାବ ରହିବନି, କାମ ଅଟକିବନି, ନୂଆ ଅତିଥି ଆସିବେ, ବିବାଦରେ ଫଶିବେ, ପରିବହନରେ ବିବାଦ, ବେପାରରେ ବିପଦ, କ୍ଳାନ୍ତିବୋଧ କରିବେ, ରୋଗଦାଉରେ ସଢିବେ, ମନଉଦାସ ରହିବ ॥

**ବିଛା**
ଭାବପ୍ରବଣତା ବଢିବ, ହଜିବା ଜିନିଷ ମିଳିବ, କଳାସାହିତ୍ୟରେ ସୁନାମ, ନିର୍ମାଣଧୀନ କାର୍ଯ୍ୟରେ ବିବାଦ, ନିଃସଙ୍ଗତାବୋଧ କରିବେ, ବନ୍ଧୁପ୍ରସ୍ତାବ ଆସିବ ॥

**ଧନୁ**
କର୍ମକ୍ଷେତ୍ରରେ ବିରୋଧାଭାଷ, ସମାଲୋଚିତ ହେବେ, ଅଧସ୍ତନଙ୍କ ଅସହଯୋଗ, ମାନସିକସୁସ୍ଥତା ବ୍ୟାହତ, ସଭା ସମିତିରେ ପ୍ରଶଂସା, ଶତ୍ରୁ ଉପଦ୍ରବ ହ୍ରାସ ॥

**ମକର**
ଆଶା ପୂରଣ, ସମସ୍ୟା ସମାଧାନ, କାର୍ଯ୍ୟସାଧନ, ନୂତନ ସମ୍ପର୍କ, ସହଯୋଗପ୍ରାପ୍ତି, ଯୋଜନାରେ ଅଗ୍ରଗତି, ଯାନବାହନ ଲାଭ, ଯାତ୍ରାରୁ ସୁଫଳ ॥

**କୁମ୍ଭ**
ମାନସିକ ସୁସ୍ଥତା, ଅମୂଳକ ଆଶଙ୍କା, ଉତ୍ସାହିତ ରହିବେ, ଅନୁକୂଳ ପରିବେଶ, ବିବାଦର ଅବସାନ, କାମ ହାସଲ କରିବେ, ଧର୍ମକାର୍ଯ୍ୟରେ ସହଯୋଗ, ଜନମଙ୍ଗଳ କାର୍ଯ୍ୟ ॥

**ମୀନ**
ସ୍ନାୟବିକ ଦୁର୍ବଳତା, ନିର୍ଭରଶୀଳ ରହିବେ, ବିଳମ୍ବିତ କାର୍ଯ୍ୟ, ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା, ସାମାଜିକ ପ୍ରଶଂସା, ପ୍ରତିକୂଳ ପରିସ୍ଥିତିର ଚାପ, ଧାରକରଜ କରିବେ, ପ୍ରତ୍ୟୁଷଯାତ୍ରାରେ ସଫଳତା, ପ୍ରାପ୍ୟଧନରେ ବାଧା, ପ୍ରତୀକ୍ଷିତ ଖବର ପାଇବେ ॥

# ମୂଳାର ଉପକାରିତା

ମୂଳା ଖାଇବା ଦ୍ୱାରା ଶରୀରକୁ ଅନେକ ଉପକାର ମିଳେ। କାରଣ ଏଥିରେ ଭରି ରହିଥାଏ ଭିଟାମିନ୍ ସି ସମେତ ଅନେକ ଉପକାରୀ ପୋଷଣ ତତ୍ତ୍ୱ; ଯଦ୍ୱାରା ଏହାକୁ ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢିବାରେ ସହାୟକ ହୋଇଥାଏ। କୋଷ୍ଠକାଠିନ୍ୟ ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ବି ମୂଳା ଖାଇବା ସର୍ବୋତ୍ତମ। କାରଣ ମୂଳା ଖାଇବା ଦ୍ୱାରା ପାଚନକ୍ରିୟା ଠିକ୍ ରହିଥାଏ ବୋଲି କୁହାଯାଏ। ଅନ୍ୟପକ୍ଷେ ମୂଳା କିଡ୍‌ନୀ ପାଇଁ ମଧ୍ୟ ଉପକାରୀ। କୁହାଯାଏ, ନିୟମିତ ବ୍ୟବଧାନରେ ମୂଳା ଖାଇବା ଦ୍ୱାରା କିଡ୍‌ନୀ ଷ୍ଟୋନ ହେବାର ଆଶଙ୍କା ସେତେ ବେଶୀ ରହେନାହିଁ। ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବା ସହିତ ବ୍ଲଡ୍ ସୁଗାର୍‌କୁ ବି ନିୟନ୍ତ୍ରଣରେ ରଖିବାରେ ମୂଳା ବେଶ୍ ସହାୟକ ହୋଇଥାଏ। ତା'ଛଡ଼ା ଏଥିରେ ପୋଟାସିୟମ୍‌ର କିଛି ମାତ୍ରା ରହୁଥିବାରୁ, ଏହାକୁ ଖାଇଲେ ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ ବୋଲି ସୂଚନା ରହିଛି। କେବଳ ସେତିକି ନୁହେଁ, ଫୋଲେଟ୍ ନାମକ ଏକ ତତ୍ତ୍ୱ ମୂଳାରେ ରହିଥିବାରୁ, ଏହାର ସେବନ ମସ୍ତିଷ୍କ ପାଇଁ ବି ବେଶ୍ ଉପକାରୀ ହୋଇଥାଏ। ଯେହେତୁ ଶୀତଦିନେ ଭଲ ମୂଳା ମିଳେ, ତେଣୁ ଏହାକୁ ପ୍ରତ୍ୟେହ ଖାଦ୍ୟ ତାଲିକାରେ ସାମିଲ କରିବା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ହେବ।



# ପାଠକୀୟ

* ଅନେକେ ଚାହାନ୍ତି ପରିଚିତ ପର୍ଯ୍ୟଟନସ୍ଥଳୀକୁ ନ ଯାଇ ଏମିତି କିଛି ଜାଗା ଯିବାକୁ, ଯାହା ଦେଖିବାକୁ ମନଲୋଭା ହେଉଥିବ, ଆଉ ପରିବାରକୁ ନେଇ ଆରାମରେ ବୁଲାବୁଲି କରିହେଉଥିବ। ସେମିତି କିଛି ପର୍ଯ୍ୟଟନସ୍ଥଳୀ ରହିଛି ଯାହା ଖୁବ୍ ଆକର୍ଷଣୀୟ କିନ୍ତୁ ପ୍ରାୟତଃ ଦୃଷ୍ଟି ଆଢୁଆଳରେ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଦୃଷ୍ଟି ଆଢୁଆଳରେ ଅନନ୍ୟ ପର୍ଯ୍ୟଟନସ୍ଥଳୀ' ଏକ ନିଆରା ଆଲେଖ୍ୟ ଥିଲା। 'ଘର ପାଇଁ ଶୁଭ ପ୍ରତୀମା', 'ଖାଲିପେଟରେ କ'ଣ ଖାଇବେନି' ଆଦି ପାଠରୁ ଅନେକ ଅଜଣା କଥା ଜାଣିହେଲା।

*– ତପସ୍ୱିନୀ ଧଳ, ଝାରପଡ଼ା, ଭୁବନେଶ୍ୱର*

* ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଦୃଷ୍ଟି ଆଢୁଆଳରେ ଅନନ୍ୟ ପର୍ଯ୍ୟଟନସ୍ଥଳୀ'ଟି ବେଶ୍ ତଥ୍ୟପୂର୍ଣ୍ଣ ହୋଇଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ଟ୍ରେଣ୍ଡି ଷ୍ଟୋଲ୍ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ଘର ଏଠି ମନ୍ଦିର' ପାଠଟି ବି ଏକ ପ୍ରେରଣାଦାୟୀ ବିଷୟ ଥିଲା। ଶୀତରେ କେଶର କିପରି ଯତ୍ନ ନେଇହେବ, ସେ ବିଷୟରେ ଛୁଟିଦିନରୁ ପଢି ବହୁ ଅଜଣା କଥା ଜାଣିହେଲା।

*– ରାଜଶ୍ରୀ କୁମାରୀ, ୱାଟର୍ ୱାର୍କ୍ସ ରୋଡ୍, ପୁରୀ*

* ସୃଜନ ପୃଷ୍ଠାରେ ସ୍ଥାନିତ 'ପଣତ' ଶୀର୍ଷକ ଗପଟି ଯେତିକି ହୃଦୟସ୍ପର୍ଶୀ ଥିଲା ସେତିକି ମନଛୁଆଁ ବି ଲାଗୁଥିଲା। 'ଗଙ୍ଗଶିଉଳି', 'ଭଲ ଅଛ' ଆଦି କବିତାଗୁଡ଼ିକ ବି ବେଶ୍ ମର୍ମସ୍ପର୍ଶୀ ହୋଇଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ହୋଇପାରିଥିଲା। ପ୍ରକାଶିକା ଓ ଶିକ୍ଷୟିତ୍ରୀ ମୃଣ୍ମୟୀ ପରିଡ଼ାଙ୍କ ପ୍ରଥମ ରୋଜଗାରର ଅନୁଭୂତି ମଧ୍ୟ ହୃଦୟସ୍ପର୍ଶୀ ହୋଇପାରିଥିଲା।

*– ରାହାସ ବିହାରୀ ମହାନ୍ତି, ଚାନ୍ଦବାଲି, ଭଦ୍ରକ*

* ଏଥରର ସାଥୀର ଉତ୍ତରଗୁଡ଼ିକ ବେଶ୍ ରୋମାଣ୍ଟିକ୍‌ଭରା ହୋଇପାରିଥିଲା। 'ଆଗ ଗଛ ଘର ପଛ' ଶୀର୍ଷକ ଆଲେଖ୍ୟଟି ଯେତିକି ତଥ୍ୟପୂର୍ଣ୍ଣ ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା। ମଡେଲ୍ ମିରର୍‌ରେ ମିଠି ବେଶ୍ ସୁନ୍ଦରୀ ଲାଗୁଥିଲେ। ଐତିହାସିକ କ୍ଷେତ୍ର ଆଭାନେରୀ ବିଷୟରେ ସହର ପୃଷ୍ଠାରୁ ପଢି ବହୁ ଅଜଣା କଥା ଜାଣିହେଲା।

*– ମଞ୍ଜୁଲତା ବିଶ୍ୱାଳ, ଢେଙ୍କାନାଳ*

* 'ଚୁଡ଼ି'କୁ ନେଇ ବିବିଧା ପୃଷ୍ଠାରେ ସ୍ଥାନିତ ବିଶେଷ ଉପସ୍ଥାପନା ଯେତିକି ମନଛୁଆଁ ଲାଗୁଥିଲା ସେତିକି ଶିକ୍ଷଣୀୟ ବି ହୋଇପାରିଥିଲା। 'ମୃତ୍ୟୁର ଉତ୍ସବ', 'ଦେହସାରା ପଜଲ୍', 'ବିନା ସ୍ୱାଦର କ୍ୟାଣ୍ଡି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ହୋଇଥିବାରୁ ପଢିବାକୁ ଭଲ ଲାଗିଲା।

*– ସବିତା ପଟ୍ଟନାୟକ, ଯାଜପୁର ଟାଉନ୍*

## ବିଶେଷ ଚିଠି



ଦୃଷ୍ଟି ଆଢୁଆଳରେ
ଅନନ୍ୟ ପର୍ଯ୍ୟଟନସ୍ଥଳୀ
ଥିଲା ଏଥରର ପ୍ରଚ୍ଛଦ,
କରୁଥିଲା କିମିଆ ସିଏ
ଦେଉଥିଲା ଅଶେଷ ଆନନ୍ଦ।
ସିନେମାରେ ବି ଥିଲା
ସେଲିବ୍ରିଟିଙ୍କ କଥା,
ସାଥୀର ଉତ୍ତର ପଢି
ଘୁରାଇ ଦେଉଥିଲା ମଥା।
ସେଥିପାଇଁ ହେ ଛୁଟିଦିନ
ତୁମକୁ ଝୁରୁଥାଏ ମୁହିଁ ନିତିଦିନ।

*–ରାକ୍ଷୀ ସ୍ୱାଇଁ, ସୋରୋ, ବାଲେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଶୀତ ମହୋତ୍ସବ











ଉତ୍ସବ ତ ଅନେକ ଦେଖିଥିବେ ଆଉ ପାଳନ କରିଥିବେ, କିନ୍ତୁ ଏଠାରେ ଯେଉଁ ଶୀତୋତ୍ସବ କଥା କୁହାଯାଉଛି, ତାହା ଟିକେ ନିଆରା ହେବା ସହ ଆକର୍ଷଣୀୟ ମଧ୍ୟ ହୋଇଥାଏ । ଫଳରେ ଏହାକୁ ଦେଖିବାକୁ ଆଉ ସେହି ଖୁସିରେ ସାମିଲ ହେବାକୁ ପ୍ରତିବର୍ଷ ଦେଶବିଦେଶର ପର୍ଯ୍ୟଟକ ବେଶ୍ ଉତ୍ସାହର ସହ ଅପେକ୍ଷା କରିଥା'ନ୍ତି । ସେମିତି କିଛି ଖାସ୍ ଶୀତ ମହୋତ୍ସବକୁ ନେଇ ଏଥରର ଏହି ଉପସ୍ଥାପନା...

**✲ ହେୟାର୍ ଫ୍ରିଜିଙ୍ଗ୍ ଫେଷ୍ଟିଭାଲ:** ଶୀତଦିନେ କାନାଡ଼ାରେ ପାଳନ କରାଯାଉଥିବା ଏହା ଏକ ନିଆରା ଉତ୍ସବ। ଉତ୍ସବ ଅପେକ୍ଷା ଏହାକୁ ଏକ ପ୍ରତିଯୋଗିତା କହିଲେ ବେଶି ଠିକ୍ ହେବ। କାରଣ ଏଥିରେ ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀଙ୍କୁ ଏକ ପୁଲ୍ ଭିତରେ ବୁଡ଼ି ରହିବାକୁ ହୋଇଥାଏ ; ଯେଉଁ ପୁଲ୍‌ର ପାଣି ଦେହକୁ ଉଷୁମ ଲାଗେ। କିନ୍ତୁ ଏହି ପୁଲ୍ ବାହାରର ତାପମାତ୍ରା ଶୀତଦିନେ -୨୦ ଡିଗ୍ରୀରୁ ବି ଅଧିକ ଖସିଯାଏ ବୋଲି ସୂଚନା ରହିଛି। ଯଦ୍ୱାରା ପ୍ରତିଯୋଗୀମାନେ ଶୀତଦିନେ ଯେତେବେଳେ ଏହି ପୁଲ୍‌ରେ ବୁଡ଼ି ସେମାନଙ୍କର ମୁଣ୍ଡକୁ ବାହାରକୁ ବାହାର କରନ୍ତି, ସେତେବେଳେ ସେମାନଙ୍କର କେଶ, ଆଖିପତା, ଆଇବ୍ରୋ, ଶରୀରର ଲୋମ ଏପରିକି ପୁରୁଷମାନଙ୍କର ଦାଢ଼ିରେ ବି ଖୁବ୍ କମ୍ ସମୟ ଭିତରେ ବରଫ ଜମିଯାଏ। ଫଳରେ ସେଗୁଡ଼ିକ ଦେଖିବାକୁ ଟିକେ ଭିନ୍ନ ଆକୃତିର ଲାଗିଥାଏ। ତେବେ ଯେଉଁ ବ୍ୟକ୍ତିଙ୍କର କେଶ ଦେଖିବାକୁ ଯେତେ ଅଜବ ଲାଗେ ତାଙ୍କର ସ୍କୋର୍ ସେତେ ବଢ଼ିଥାଏ। ଆଉ ଶେଷରେ ସେହି ବ୍ୟକ୍ତି ହିଁ ଉକ୍ତ ପ୍ରତିଯୋଗିତାର ବିଜୟୀ ପ୍ରାର୍ଥୀ ହୋଇଥା'ନ୍ତି। ଖାସ୍ ଏହି କାରଣ ପାଇଁ ଉକ୍ତ ପ୍ରତିଯୋଗିତାରେ ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀ ପୁଲ୍‌ରେ ବୁଡ଼ିବା ପୂର୍ବରୁ ନିଜ କେଶକୁ ବିଭିନ୍ନ ଡିଜାଇନ୍‌ରେ ବାନ୍ଧିଥାନ୍ତି। ଫଳରେ ସେମାନଙ୍କ କେଶ ପୁଲ୍‌ରୁ ବାହାରିବା ପରେ ସେହି ଆକୃତିର ବରଫାବୃତ୍ତ ହୋଇଥାଏ। କାନାଡ଼ାର ୟୁକୋନ୍‌ସ୍ଥିତ ହ୍ୱାଇଟ୍‌ହର୍ସ ନାମକ ସ୍ଥାନରେ ଥିବା ତଖିନି ହଟ୍ ସ୍ପ୍ରିଙ୍ଗ୍ସ ନାମକ ଏକ ପୁଲ୍‌ରେ ପ୍ରତିବର୍ଷ ଫେବୃୟାରୀରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ୨୦୧୧ ମସିହାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ଲୋକପ୍ରିୟତା ଢେର୍ ରହିଥିବାରୁ ପ୍ରତିବର୍ଷ ଫେବୃୟାରୀରେ ବହୁ ପର୍ଯ୍ୟଟକ ବିଭିନ୍ନ ସ୍ଥାନରୁ ଏଠାକୁ ଆସିଥା'ନ୍ତି। ଏଥିରେ ପୁରୁଷ ଓ ମହିଳାଙ୍କର ଅଲଗା ଅଲଗା ପ୍ରତିଯୋଗିତା ହୋଇଥାଏ। ପୁରୁଷଙ୍କ ଭିତରୁ ଯିଏ ବିଜୟୀ ହୁଅନ୍ତି, ତାଙ୍କୁ ବେଷ୍ଟ ମେଲ୍ ଆୱାର୍ଡ ମିଳେ। ମହିଳାଙ୍କ ଭିତରେ ଯିଏ ବିଜୟୀ ହୁଅନ୍ତୁ ତାଙ୍କୁ ବେଷ୍ଟ ଫିମେଲ୍ ଆୱାର୍ଡ ମିଳିଥାଏ। କେବଳ ସେତିକି ନୁହେଁ ଏହି ପ୍ରତିଯୋଗିତାରେ ମୋଷ୍ଟ କ୍ରିଏଟିଭ୍ ଟାଇଟଲ୍ ବିଶିଷ୍ଟ ଏକ ସ୍ପେଶାଲ୍ ଆୱାର୍ଡ ବି ଦିଆଯାଇଥାଏ। ଯେଉଁ ବ୍ୟକ୍ତି ; ସିଏ ପୁରୁଷ ହୁଅନ୍ତୁ କି ମହିଳା ଯଦି ସିଏ କିଛି ଭିନ୍ନ ଶୈଳୀରେ ତାଙ୍କ କେଶକୁ ବରଫାବୃତ୍ତ କରାଇଥା'ନ୍ତି, ତା'ହେଲେ ତାଙ୍କୁ ଏହି ମୋଷ୍ଟ କ୍ରିଏଟିଭ୍ ଆୱାର୍ଡଟି ପ୍ରଦାନ କରାଯାଇଥାଏ। ଏହାଛଡ଼ା ଯଦି କେତେଜଣ ବ୍ୟକ୍ତି ଗୋଟିଏ ଗ୍ରୁପ୍ ହୋଇ ଏହି ପ୍ରତିଯୋଗିତାରେ ସେମାନଙ୍କର କେଶବିନ୍ୟାସ ଦେଖାଇବାକୁ ଚାହାନ୍ତି, ତା'ହେଲେ ସେମାନଙ୍କ ପାଇଁ ମଧ୍ୟ ଏଠାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ। ତେବେ ଏହି ପ୍ରତିଯୋଗିତାରେ ଯିଏ ପ୍ରଥମ ସ୍ଥାନ ଅଧିକାର କରନ୍ତି, ତାଙ୍କୁ କୁଆଡ଼େ ୨୦୦୦ ଡଲାର୍ ପୁରସ୍କାର ରାଶି ପ୍ରଦାନ କରାଯାଇଥାଏ ବୋଲି ସୂଚନା ରହିଛି। 'ଦ ଇଣ୍ଟରନ୍ୟାଶନାଲ୍ ହେୟାର୍ ଫ୍ରିଜିଙ୍ଗ୍ କଣ୍ଟେଷ୍ଟ' ନାମରେ ପରିଚିତ ଏହି ପ୍ରତିଯୋଗିତାଟି ଏବେ କାନାଡ଼ାର ଏକ ନିଆରା ଶୀତୋତ୍ସବ ଭାବେ ସାରା ବିଶ୍ୱରେ ବେଶ୍ ଲୋକପ୍ରିୟତା ହାସଲ କରିସାରିଲାଣି।

**✲ କ୍ୟୁବେକ୍ ୱିଣ୍ଟର୍ କାର୍ନିଭାଲ୍:** କାନାଡ଼ାର କ୍ୟୁବେକ୍ ସିଟିରେ ପାଳନ କରାଯାଉଥିବା କ୍ୟୁବେକ୍ ୱିଣ୍ଟର୍ କାର୍ନିଭାଲ୍ ହେଉଛି ଦୁନିଆର ଅନ୍ୟତମ ବଡ଼ ଶୀତ ମହୋତ୍ସବ। ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ହେଉଛି 'ବୋନ୍‌ହୋମ୍ମେ କାର୍ନାଭାଲ୍' । ସ୍ନୋ ମ୍ୟାନ୍‌ର ରୂପ ଧାରଣ କରିଥିବା ଏହା ହେଉଛି ଏକ ମାସ୍କଟ୍। ପ୍ରତିବର୍ଷ ପ୍ରାୟତଃ ଫେବୃୟାରୀରେ ହିଁ ବେଶ୍ ଧୁମ୍‌ଧାମ୍‌ରେ ଏଠାରେ ଏହି ଉତ୍ସବଟି ପାଳନ କରାଯାଇଥାଏ। ଆଉ ସବୁବର୍ଷ ଏହି ମାସ୍କଟ୍ ହିଁ ଉତ୍ସବର ମୁଖ୍ୟ ଆକର୍ଷଣ ସାଜିଥାଏ। ତା'ଛଡ଼ା ଏହି ଉତ୍ସବରେ ପର୍ଯ୍ୟଟକ ବିଭିନ୍ନ ପ୍ରକାର ଖାଦ୍ୟ ପେୟର ମଜା ନେବା ସହ ମ୍ୟୁଜିକାଲ୍ ନାଇଟ୍ ତା'ସାଙ୍ଗକୁ ସ୍କିଂ, ସ୍ନୋବୋର୍ଡିଂ, ଆଇସ୍ କାନୋଇ (ବରଫ ଉପରେ ସ୍ୱତନ୍ତ୍ର ଡଙ୍ଗା ଚାଳନା), ସ୍ନୋ ହକି ଭଳି କେତେକ ମଜାଦାର୍ ବରଫ ଖେଳର ଭରପୂର ଆନନ୍ଦ ମଧ୍ୟ ଉଠାଇଥା'ନ୍ତି। ଶୀତ ଯେତେ ବଢ଼େ ଏହିସବୁ ଖେଳର ମଜା ଏଠାରେ ସେତେ ଜମିଥାଏ। କେବଳ ସେତିକି ନୁହେଁ ଡଗ୍ ସ୍ଲେଡିଙ୍ଗ୍ ବି ହେଉଛି ଏଠାକାର ଅନ୍ୟତମ ଆକର୍ଷଣ। ଏସବୁ ବାଦ୍ ବରଫରେ ବିଭିନ୍ନ ପ୍ରକାରର କଳାକୃତି କରି ପ୍ରଦର୍ଶନ କରିବାରେ ବି ଏଠାକାର ବାସିନ୍ଦା ବେଶ୍ ଧୁରନ୍ଧର। ଖାସ୍ କରି ବରଫରେ ଖୁବ୍ ସୁନ୍ଦର ସୁନ୍ଦର ମହଲ ତିଆରି କରି ଏହି ଉତ୍ସବକୁ ଆହୁରି ଆକର୍ଷଣୀୟ କରିବାକୁ ଏଠାକାର ଲୋକେ ଖୁବ୍ ପସନ୍ଦ କରିଥା'ନ୍ତି। ସେଥିପାଇଁ ସେମାନେ ଖୁବ୍ →















ପରିଶ୍ରମ କରି ବହୁତ ସୁନ୍ଦର ସୁନ୍ଦର ବରଫର ମହଲ ତିଆରି କରିଥା'ନ୍ତି। ଉତ୍ସବର ଶେଷରେ ଯାହାର ମହଲ ଯେତେ ସୁନ୍ଦର ହୋଇଥାଏ, ତାକୁ ବିଜୟୀ ଘୋଷଣା କରାଯିବା ସହ ପୁରସ୍କୃତ କରାଯାଇଥାଏ ବୋଲି ସୂଚନା ରହିଛି।

**✲ ଫର୍ ରେନ୍‌ଡେଜ୍‌ଭୋସ୍ ଫେଷ୍ଟିଭାଲ୍:** ଆମେରିକାର ଅଲାସ୍କାଠାରେ ପ୍ରତିବର୍ଷ ଫେବୃୟାରୀ ମାସର ଶେଷ ଆଡ଼କୁ ଏକ ଶୀତ ମହୋତ୍ସବର ଆୟୋଜନ କରାଯାଇଥାଏ ; ଯାହାର ନାଁ ହେଉଛି ଫର୍ ରେନ୍‌ଡେଜ୍‌ଭୋସ୍ ଫେଷ୍ଟିଭାଲ। ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ହେଉଛି ଟର୍ଚ୍ଚ ଲାଇଟ୍ ପରେଡ୍ ଓ ବନ୍‌ଫାୟାର୍। ତା'ସାଙ୍ଗକୁ ସ୍କିଂ, ସ୍ନୋ ହକି, ସ୍ନୋ ବାସ୍କେଟ୍‌ବଲ୍, ସ୍ନୋ ବକ୍ସିଂ ଭଳି ବିଭିନ୍ନ ପ୍ରକାରର ବରଫ ଖେଳର ଆୟୋଜନ ମଧ୍ୟ ଏହି ମହୋତ୍ସବରେ କରାଯାଇଥାଏ। ତା'ଛଡ଼ା ସ୍ଲେଜ୍ ଡଗ୍ ରେସ୍ ବି ହେଉଛି ଏହି ମହୋତ୍ସବର ଅନ୍ୟତମ ଆକର୍ଷଣ। କହିବାକୁ ଗଲେ ପ୍ରତିବର୍ଷ ଉକ୍ତ ମହୋତ୍ସବରେ ପ୍ରାୟ ୧୦୦ ପ୍ରକାର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ, ଯାହା ଆଗନ୍ତୁକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଏସବୁ ବ୍ୟତୀତ ବରଫରେ ତିଆରି ବିଭିନ୍ନ ପ୍ରକାରର ଆକର୍ଷଣୀୟ ପ୍ରତିମୂର୍ତ୍ତିର ପ୍ରଦର୍ଶନୀ ଏହି ମହୋତ୍ସବକୁ ଏକ ନିଆରା ଖ୍ୟାତି ଦେଇଥାଏ।

**✲ ହର୍ନବିଲ୍ ଫେଷ୍ଟିଭାଲ୍:** ନାଗାଲାଣ୍ଡରେ ପ୍ରତିବର୍ଷ ଡିସେମ୍ବର ପ୍ରଥମ ସପ୍ତାହ ଆଡ଼କୁ ଏକ ବଡ଼ ଧରଣର ଉତ୍ସବ ପାଳନ କରାଯାଇଥାଏ, ଯାହାର ନାଁ ହେଉଛି ହର୍ନବିଲ୍ ଫେଷ୍ଟିଭାଲ୍। ଏହା ଏକ ଶୀତ ମହୋତ୍ସବ ବୋଲି ମଧ୍ୟ କହିପାରିବା। ସୂଚନାନୁଯାୟୀ, ଏହି ଉତ୍ସବଟି ସେଠାରେ ୨୦୦୦ ମସିହାରୁ ପ୍ରତିବର୍ଷ ବେଶ୍ ଧୁମ୍‌ଧାମ୍‌ରେ ପାଳିତ ହୋଇ ଆସୁଅଛି। ନାଗାଲାଣ୍ଡର ପାରମ୍ପରିକ ନାଚଗୀତରୁ ଆରମ୍ଭ ହୋଇଥାଏ ଏହି ଉତ୍ସବ। ତା'ସାଙ୍ଗକୁ ଫ୍ୟାଶନ୍ ଶୋ' ଓ ମିସ୍ ନାଗାଲାଣ୍ଡ ବ୍ୟୁଟି କଣ୍ଟେଷ୍ଟ ହେଉଛି ଉକ୍ତ ମହୋତ୍ସବର ଅନ୍ୟତମ ଆକର୍ଷଣ। କେବଳ ସେତିକି ନୁହେଁ, ହର୍ବାଲ୍ ମେଡିସିନ୍ ଷ୍ଟଲ୍, ଫ୍ଲାୱାର୍ ଶୋ, ନାଗାଲାଣ୍ଡର ପାରମ୍ପରିକ ଖାଦ୍ୟକୁ ନେଇ ଆୟୋଜନ କରାଯାଉଥିବା ଫୁଡ୍ ଷ୍ଟଲ୍ ବି ଏହି ମହୋତ୍ସବରେ ନିଆରା ଅନୁଭୂତି ଦେଇଥାଏ ପର୍ଯ୍ୟଟକଙ୍କୁ। ଏସବୁବାଦ୍ ଏହି ଉତ୍ସବରେ ନାଗାଲାଣ୍ଡବାସୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପେଣ୍ଟିଙ୍ଗ୍ସ, ଉଡ୍ କାର୍ଭିଙ୍ଗ୍ ତଥା ପ୍ରତିମୂର୍ତ୍ତିଗୁଡ଼ିକ ବି ବେଶ୍ ଆକର୍ଷଣୀୟ ଲାଗିଥାଏ ଦେଖିବାକୁ।

**✲ ହଟ୍‌ଏୟାର୍‌ବେଲୁନ୍‌ଫେଷ୍ଟିଭାଲ୍:** ସୂଚନାନୁଯାୟୀ, ପ୍ରତିବର୍ଷ ଜାନୁୟାରୀରେ ସୁଇଜରଲାଣ୍ଡର ଚାଟ୍ୟୁ-ଡି ଓଏକ୍ସଠାରେ ପ୍ରାୟ ୯ ଦିନ ବ୍ୟାପୀ ଏହି ଫେଷ୍ଟିଭାଲ୍‌ଟିକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ ; ଯାହାର ନାଁ ହେଉଛି ଇଣ୍ଟର ନ୍ୟାଶନାଲ୍ ହଟ୍ ଏୟାର୍ ବେଲୁନ୍ ଫେଷ୍ଟିଭାଲ୍। ଏଥିରେ ପ୍ରାୟ ଶତାଧିକ ସଂଖ୍ୟାରେ ହଟ୍ ଏୟାର୍ ବେଲୁନ୍ ଏକକାଳୀନ ଆକାଶରେ ଉଡୁଥିବାର ନିଆରା ଦୃଶ୍ୟ ଦେଖିବାର ସୁଯୋଗ ମିଳିଥାଏ। ସେହିପରି ଜାପାନ୍‌ର ସାଗା ପ୍ରିଫେକ୍ଟର ନାମକ ଏକ ସ୍ଥାନରେ ପ୍ରତିବର୍ଷ ନଭେମ୍ବର ମାସରେ ସାଗା ଇଣ୍ଟର ନ୍ୟାଶନାଲ୍ ବେଲୁନ୍ ଫିଏଷ୍ଟା ନାମରେ ଏକ ମହୋତ୍ସବ ପାଳନ କରାଯାଇଥାଏ ; ଯାହାକୁ ଦେଖିବାକୁ ଲକ୍ଷାଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କର ଆଗମନ ହୋଇଥାଏ। ଭାରତର କେତେକ ସ୍ଥାନରେ ବି ଶୀତଦିନେ ହଟ୍ ଏୟାର୍ ବେଲୁନ୍‌ରେ ବସିବାର ସୁବିଧା ପର୍ଯ୍ୟଟକଙ୍କୁ ପ୍ରଦାନ କରାଯାଇଥାଏ। ଯେମିତିକି ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ଗୋଆ, କର୍ନାଟକ, ରାଜସ୍ଥାନ, ହିମାଚଳ ପ୍ରଦେଶ ଇତ୍ୟାଦି।

**✲ ମାଉଣ୍ଟ ଆବୁ ୱିଣ୍ଟର ଫେଷ୍ଟିଭାଲ୍:** ରାଜସ୍ଥାନର ଏକ ହିଲ୍ ଷ୍ଟେଶନ ହେଉଛି ମାଉଣ୍ଟ ଆବୁ। ଏଠାରେ ମଧ୍ୟ ପ୍ରତିବର୍ଷ ଡିସେମ୍ବରରେ ବେଶ୍ ଧୁମ୍‌ଧାମ୍‌ରେ ଶୀତ ମହୋତ୍ସବ ପାଳନ କରାଯାଇଥାଏ। ସମୁଦ୍ରପତ୍ତନରୁ ପ୍ରାୟ ୧୨୧୯ ମିଟର ଉଚ୍ଚତାରେ ଥିବା ଏହି ହିଲ୍ ଷ୍ଟେଶନରେ ଶୀତଦିନେ ଯେଉଁ ଉତ୍ସବ ପାଳନ କରାଯାଏ, ତାହାର ମୁଖ୍ୟ ଆକର୍ଷଣ ଥାଏ ବିଭିନ୍ନ ପ୍ରକାରର ପାରମ୍ପରିକ ନାଚ, ଗୀତ, ମ୍ୟୁଜିକାଲ୍ ନାଇଟ୍ସ, ମେଳା ଓ ଆତସବାଜି। ତା'ଛଡ଼ା ଗୁଡ଼ି ଉଡ଼ା, ହଟ୍ ଏୟାର୍ ବେଲୁନ୍, କ୍ରିକେଟ୍ ଟୁର୍ନାମେଣ୍ଟ, ଗିଲି ଦଣ୍ଡା ଖେଳ, କବିତା ପାଠ ବି ଏହି ମହୋତ୍ସବକୁ ନିଆରା ଆକର୍ଷଣ ଦେଇଥାଏ। ସେଥିପାଇଁ ଅନ୍ୟଦିନ ଅପେକ୍ଷା ପ୍ରତିବର୍ଷ ଡିସେମ୍ବରରେ ଏଠାରେ ବହୁ ଜନ ସମାଗମ ହୋଇଥିବାର ଦେଖିବାକୁ ମିଳେ।


**✲ଜୟସାଲ୍‌ମେର୍ ଡିଜର୍ଟ ଫେଷ୍ଟିଭାଲ୍:** ରାଜସ୍ଥାନର ଜୟସାଲ୍‌ମେର୍‌ରେ ବି ଫେବୃୟାରୀ ମାସରେ ଏକ ବଡ଼ ଧରଣର ଉତ୍ସବ ପାଳନ କରାଯାଇଥାଏ, ଯାହାର ନାଁ ହେଉଛି ଡିଜର୍ଟ ଫେଷ୍ଟିଭାଲ୍। ହାଲୁକା ହାଲୁକା ଶୀତରେ ଏହି ଉତ୍ସବକୁ ଉପଭୋଗ କରିବାର ନିଆରା ଆନନ୍ଦ ଲଭିବାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥା'ନ୍ତି। ଓଟଙ୍କର ଦୌଡ଼ ପ୍ରତିଯୋଗିତା, ପଗଡ଼ି ବନ୍ଧା ପ୍ରତିଯୋଗିତା, ମିଷ୍ଟର ଡିଜର୍ଟ କମ୍ପିଟିଶନ ଇତ୍ୟାଦି ହେଉଛି ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ। ତା'ଛଡ଼ା ମହୋତ୍ସବରେ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ପରିବେଷଣ କରାଯାଉଥିବା ପାରମ୍ପରିକ ନାଚ, ଗୀତର ଝଲକ ବି ବେଶ୍ ଆନନ୍ଦ ଦେଇଥାଏ ପର୍ଯ୍ୟଟକଙ୍କୁ। ମୁଖ୍ୟତଃ ଏହି ସମୟରେ ବହୁ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳିଥାଏ ଜୟସାଲ୍‌ମେର୍‌ରେ।

**✲ମନାଲି ୱିଣ୍ଟର କାର୍ନିଭାଲ୍:** ଶୀତକୁ ଉପଭୋଗ କରିବା ପାଇଁ ହେଉ ଅବା ନୂଆବର୍ଷକୁ ସ୍ୱାଗତ କରିବାକୁ ହେଉ ହିମାଚଳ ପ୍ରଦେଶର ମନାଲିଠାରେ ଡିସେମ୍ବର ମାସରୁ ବିଭିନ୍ନ ପ୍ରକାର ପ୍ରୋଗ୍ରାମ୍‌ର ପ୍ରସ୍ତୁତି ଆରମ୍ଭ ହୋଇଯାଇଥାଏ। ଯେହେତୁ ଏଠାରେ ଶୀତଦିନେ ତୁଷାରପାତ ହୁଏ, ସେଥିପାଇଁ ବିଭିନ୍ନ ପ୍ରକାରର ବରଫ ଖେଳର ମଜା ଏଠି ନେଇହୁଏ। ତା'ଛଡ଼ା ବିଭିନ୍ନ ପ୍ରକାରର ପାରମ୍ପରିକ କାର୍ଯ୍ୟକ୍ରମର ଆୟୋଜନ ବି ଶୀତଦିନେ ମନାଲିକୁ ନିଆରା ଆକର୍ଷଣ ଦେଇଥାଏ। ମନାଲି ପରି ଗୋଆରେ ବି ଶୀତଦିନେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ ; ଯାହା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ।

କେବଳ ଏହି ସବୁ ସ୍ଥାନ ନୁହେଁ ଦେଶବିଦେଶରେ ଆହୁରି ଏମିତି ଅନେକ ସ୍ଥାନ ରହିଛି, ଯେଉଁଠାରେ ଶୀତଦିନେ ଛୋଟବଡ଼ ଅନେକ ଉତ୍ସବର ଆୟୋଜନ କରାଯାଇଥାଏ।

**–ଅନ୍ୱିତା ମିଶ୍ର**







# ମୋ ପରିବାରକୁ ଭଲ ପାଉଥିବା ଝିଅ ହେବ ମୋ ଲାଇଫ ପାର୍ଟନର୍

**ତାଙ୍କର ଗୁଲୁଗୁଲିଆ ଚେହେରା ଓ ଅଭିନୟର ଚାତୁରି ପାଇଁ ସେ ବେଶ୍ ଛୋଟ ବେଳୁ ଅଭିନୟ ଜଗତରେ ପାଦ ଥାପିଥିଲେ। ଆଉ ବଡ଼ ହେବା ପରେ ସେ ପାଲଟିଲେ କ୍ୟୁଟ୍ ଚକୋଲେଟ୍ ହିରୋ । ସେ ହେଉଛନ୍ତି ସ୍ୱରାଜ ବାରିକ। ଏଥରର ସେଲିବ୍ରିଟି ସିକ୍ରେଟ୍‌ରେ ଜାଣିବା ତାଙ୍କ ସମ୍ପର୍କରେ କିଛି...**



### ପିଲାଦିନ

ପିଲାଦିନେ ମୁଁ ବେଶି ଦୁଷ୍ଟ ନ ଥିଲି। କିନ୍ତୁ ମୁଁ ଯୋଉଠିକୁ ଯାଉଥିଲି ପଡ଼ିଯାଉଥିଲି ଅବା କୋଉଠି ବାଡ୍ରେଇ ହୋଇ ଖଣ୍ଡିଆ ଖାବରା ହେଉଥିଲି। ସେଥିପାଇଁ ମା' ମତେ ଅଥର୍ବା ବୋଲି ଡାକୁଥିଲେ। ମତେ ଏକୁଟିଆ ଛାଡ଼ିବାକୁ ସେମାନେ ଡରୁଥିଲେ। ଥରେ କିନ୍ତୁ ମୁଁ କାହାକୁ କିଛି ନ କହି ଘରପଛପଟକୁ ଖେଳିବାକୁ ପଳେଇଥିଲି। ସେଠି ପିଲାମାନେ ଚପଲ କାଟି, ହକିଷ୍ଟିକ୍ ପରି ବଙ୍କା ବାଡ଼ିରେ ଖେଳୁଥିଲେ। ହଠାତ୍ ଏକ ବାଡ଼ି ଆସି ମୋ ମୁଣ୍ଡରେ ବାଜିଥିଲା। ଆଉ ମୁଁ ସେନ୍ସଲେସ୍ ହୋଇଯାଇଥିଲି। ଏ ଖବର ଯେତେବେଳେ ଘରକୁ ଗଲା ସମସ୍ତେ ବ୍ୟସ୍ତ ହୋଇଯାଇଥିଲେ। ମା' ମତେ ଘରକୁ ନେଲେ। ହେଲେ ବାପା ରାଗିକି ମତେ ଘରୁ ବାହାରି ଯିବାକୁ କହିବା ସହ ସେଇ ପିଲାଙ୍କ ପାଖକୁ ଯାଇ ତାଙ୍କ ସହ ରହ ବୋଲି କହିଥିଲେ। ଏଇ ଗୋଟିଏ ଥର ହିଁ ମୁଁ ଖେଳିବା ପାଇଁ ଲୁଚିକି ଯାଇଥିଲି। ଖେଳାଖେଳିରେ ମୁଁ ସେତେଟା ଭଲ ନ ଥିଲି। କିନ୍ତୁ ପିଲାଦିନୁ ମୋର ସ୍ୱପ୍ନ ଥିଲା ଗୋଟେ। ସେ ହେଉଛି ହିରୋ ହେବା।

### ଅଭିନୟରେ ପ୍ରଥମ ପାଦ

ମୋ ପିଉସା କୈଳାସ ଚନ୍ଦ୍ର ସେନାପତି ଡ୍ରାମାରେ ମ୍ୟୁଜିକ ଡାଇରେକ୍ଟର ଥିଲେ। ସେ ଅଜିତ ଦାସଙ୍କ ସହ କାମ କରୁଥିଲେ। ଥରେ ମୁଁ ପିଉସାଙ୍କ ସହ ଅଜିତ ଦାସଙ୍କ ଘରକୁ ଯାଇଥାଏ, ସେଇଠି ସେ ମତେ ଦେଖି ପଚାରିଥିଲେ ଅଭିନୟ କରିବୁ? ମୁଁ ହଁ କରିଥିଲି। ଆଉ ସେ ମତେ 'ସମ୍ପର୍କ' ସିରିୟଲରେ ଏକ ଛୋଟିଆ କ୍ୟାରେକ୍ଟରରେ ଅଭିନୟ କରିବାର ସୁଯୋଗ ଦେଇଥିଲେ। ସେତେବେଳେ ମତେ ବୟସ ମାତ୍ର ୩ ବର୍ଷ। ତା'ପରେ ମୋର ଆଗ୍ରହ ବଢ଼ିଯାଇଥିଲା। ଯେହେତୁ ଆମ ପରିବାରର କେହି ଫିଲ୍ମ ଲାଇନ୍‌ରେ ନ ଥିଲେ ମୁଁ ନାଚ ମାଧ୍ୟମରେ ଅଭିନୟ କ୍ଷେତ୍ରରେ ଆଗକୁ ବଢ଼ିବି ଭାବି ନାଚ ଶିଖୁଥିଲି। ଆଉ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଥିଲି। ୨୦୦୪ରେ ବୁମ୍ ସାକାଲାକାରେ ପ୍ରଥମ ହୋଇଥିଲି। ତା'ସହ ମଞ୍ଚ ନାଟକ ବି କରୁଥିଲି। ହର ପଟ୍ଟନାୟକଙ୍କ ଅନ୍ୱେଷଣ ୨୦୦୬ରେ ମୁଁ ନୃତ୍ୟରେ ପ୍ରଥମ ହୋଇଥିଲି। ସେଇଠି ହର ପଟ୍ଟନାୟକ ଘୋଷଣା କରିଥିଲେ ଯେ ଟପ୍ ୫ ପିଲାଙ୍କୁ ମୁଁ ମୋର ଫିଲ୍ମ 'ପାଗଳ ପ୍ରେମୀ'ରେ ଅଭିନୟ କରିବାର ସୁଯୋଗ ଦେବି। ସେଦିନ ସେଠି ଚଣ୍ଡୀ ପରିଜା ବି ମତେ ଦେଖିଥିଲେ। ପରେ ସେ ଦିନେ ତାପସ ସରଘରିଆଙ୍କ ମାଧ୍ୟମରେ ମତେ ଡକେଇଥିଲେ। ଆଉ ମତେ ତାଙ୍କ ଚଳଚ୍ଚିତ୍ର 'ରକତେ ଲେଖିଛି ନାଁ'ରେ ଶିଶୁ କଳାକାରଭାବେ ସୁଯୋଗ ଦେଲେ। ଏଇ ଚଳଚ୍ଚିତ୍ରଟି ପ୍ରଥମେ ଶୁଟିଂ ହୋଇ ରିଲିଜ୍ ହୋଇଥିଲା। ତେଣୁ 'ରକତେ ଲେଖିଛି ନାଁ' ମୋର ପ୍ରଥମ ଚଳଚ୍ଚିତ୍ର ହେଲା ଓ 'ପାଗଳ ପ୍ରେମୀ' ହେଲା ଦ୍ୱିତୀୟ । ତେବେ ତୃତୀୟ ଫିଲ୍ମ 'ସମୟ ହାତରେ ଡୋରି'ରୁ ମତେ ଲୋକେ ବେଶି ଚିହ୍ନିଥିଲେ। ଏଥିରେ ମତେ ଷ୍ଟେଟ ଆୱାର୍ଡ ବି ମିଳିଥିଲା। ଫଳରେ ଭଲ ଭଲ ଫିଲ୍ମର ଅଫର୍ ଆସିଲା। ମୁଁ ସେତେବେଳେ ସବୁଠାରୁ ଅଧିକ ପାରିଶ୍ରମିକ ପାଉଥିବା ଚାଇଲ୍ଡ ଆକ୍ଟର ଥିଲି। ଆଉ 'ତୁ ମୋର ଲଭ୍ ଷ୍ଟୋରୀ'ରେ ମୁଁ ହିରୋ ଭାବେ ଇଣ୍ଟ୍ରୋଡ୍ୟୁସ୍ ହୋଇଥିଲି।

### ଅବସର ସମୟରେ ପାଲଟେ ନିର୍ଦ୍ଦେଶକ

ମୁଁ କେବେ ବି ସମୟ ନଷ୍ଟ କରିବାକୁ ଭଲ ପାଏନା। ଖାଲି ସମୟ ମିଳିବା ମାତ୍ରେ ବହି ପଢ଼େ, କବିତା /ନାଟକ ଲେଖେ, ବିଭିନ୍ନ ପ୍ରକାରର କ୍ରାଫ୍ଟ ତିଆରି କରେ। ତା'ସହ ଶର୍ଟ ଫିଲ୍ମ ବି କରେ, ଯେଉଁଥିରେ ମୁଁ ନିଜେ ସ୍କ୍ରିପ୍ଟ ଲେଖିବା ସହ ଭିଡିଓ ଏଡିଟିଂ ଓ ନିର୍ଦ୍ଦେଶନା ବି ଦେଇଥାଏ। ନିକଟରେ ବାସ୍ତବ କାହାଣୀକୁ ନେଇ ମୋର 'ମଞ୍ଜୁନାଥ' ନାମକ ଶର୍ଟ ଫିଲ୍ମ କୋଲକାତାର ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ୍‌ରେ ସମ୍ମାନିତ ହୋଇଛି।

### ଫିମେଲ ଫ୍ୟାନ୍‌ଙ୍କ ପାଗଳାମୀ

ସୋସିଆଲ ମିଡିଆରେ ମୋ ନାଁରେ କେହି କେହି ଫେକ୍ ଆଇଡି କରି ମୋର ଯୁବତୀ ଓ ମହିଳା ଫ୍ୟାନଙ୍କ ସହ ଚାଟିଂ କରନ୍ତି। ଆଉ ସେମାନେ ସେହି ବ୍ୟକ୍ତିଙ୍କୁ ମୁଁ ଭାବି ତାଙ୍କୁ ଭଲ ପାଇ ବସନ୍ତି। ଏମିତି ବି ହୋଇଛି ସେଇ ଯୁବତୀ ଓ ମହିଳା ଆମ ଘରକୁ ଆସି ମତେ ବାହାହେବାକୁ ବି କହିଛନ୍ତି। ଥରେ ଜଣେ ବିବାହିତ ମହିଳା ଆସି ମତେ ବିବାହ କରିବାକୁ ଜିଦି କରିଥିଲେ। ଅନେକ ବୁଝାଇବା ସତ୍ତ୍ୱେ ସେ ବୁଝି ନ ଥିଲେ। ଆଉ ଆମକୁ ପୋଲିସଙ୍କ ସହାୟତା ନେବାକୁ ପଡ଼ିଥିଲା।

### ଲାଇଫ ପାର୍ଟନର୍

ଏପର୍ଯ୍ୟନ୍ତ ମୁଁ ଲାଇଫ ପାର୍ଟନର୍ ବିଷୟରେ କିଛି ଭାବିନି। ତେବେ ଯିଏ ମୋ ବାପା ମା' ତଥା ମୋ ପୂରା ପରିବାରକୁ ଭଲ ପାଇବ ମୁଁ ତାକୁ ହିଁ ବିବାହ କରିବି।

### ପ୍ରିୟ ମଣିଷ

ଏମିତି ତ ପରିବାରର ସମସ୍ତେ ମୋର ପ୍ରିୟ। ତେବେ ଜେଜେବାପା ଜେଜେମା'ଙ୍କ ସ୍ଥାନ ମୋ ହୃଦୟରେ ଟିକେ ସ୍ୱତନ୍ତ୍ର। ବାପା ଆଡଭୋକେଟ୍ ହୋଇଥିବାରୁ ପିଲାଦିନୁ ମୋ ସହ କେବେ ବି କେଉଁ ଶୁଟିଂକୁ ଯାଇପାରୁ ନ ଥିଲେ। ଜେଜେବାପା ଓ ଜେଜେମା' ହିଁ ମୋ ସହ ଯାଉଥିଲେ। ମୁଁ ମୋ ଜେଜେବାପାଙ୍କୁ ଆଦରରେ 'ଭାଇ' ଓ ଜେଜେମା'ଙ୍କୁ 'ଦିଦି' ବୋଲି ଡାକେ।

### ଖୁସିର ମୁହୂର୍ତ୍ତ

ଚଳିତ ବର୍ଷ ଜୁନ ୧୦ରେ ମୋ ଫିଲ୍ମ 'ଦିଲ୍ ମୋର ମାନେନା' ରିଲିଜ୍ ହୋଇଥିଲା। ଆଉ ମୁଁ ଜେଜେବାପାଙ୍କ ସହ ହଲ୍‌କୁ ଯାଇଥିଲି। ସେଠି ମୋ ଫ୍ୟାନ୍‌ମାନେ ମତେ ଦେଖି ଖୁସିରେ ଟେକି ଟେକି ନେଇଯାଇଥିଲେ। ଜେଜେବାପା ଏ ଦୃଶ୍ୟ ଦେଖି ଖୁସିରେ କାନ୍ଦି ପକେଇଥିଲେ। ସେଦିନ ମତେ ବହୁତ ଖୁସି ଲାଗିଥିଲା।

### ଫିଟ୍‌ନେସ୍ ପାଇଁ

ଫିଟ୍ ରହିବା ପାଇଁ ମୁଁ ପ୍ରତିଦିନ ପ୍ରାୟ ୧୦ କି.ମି. ସାଇକେଲିଂ କରେ ଓ ଡ୍ୟାନ୍ସ ପ୍ରାକ୍ଟିସ୍ କରେ। ତା'ଛଡା ଜିମ୍ ବି ଯାଏ।

### ଖାଦ୍ୟ ପ୍ରିୟ

ମୁଁ ବହୁତ ଖାଇବା ପ୍ରିୟ। ତେବେ ମତେ ବେଶି ଦେଶୀ ଖାଦ୍ୟ ଭଲ ଲାଗେ। ଦହି ମୋର ଭାରି ପ୍ରିୟ। ବାରିପଦାର ହୋଇଥିବାରୁ ନନ୍ ଭେଜ୍‌ରେ ମଟନ୍ ପସନ୍ଦ। ଆଉ ସାଙ୍ଗସାଥୀ ଏକାଠି ହେଲେ ଆମେ କେବଳ ଗୋଟିଏ କଥା ଭାବୁ 'କ'ଣ ଖାଇବୁ, କେଉଁଠି ଖାଇବୁ'।

### ଏବେ ବି ପାଏ ପକେଟ୍ ମନି

ଆଗରୁ ତ ପକେଟ୍ ମନି ମିଳୁଥିଲା। ରୋଜଗାରକ୍ଷମ ହେଲା ପରେ ବି ବାପା ମା' ଓ ଅନ୍ୟ ବଡ଼ମାନେ ମୁଁ ନ ମାଗିଲେ ବି ପକେଟ୍ ମନି ଦିଅନ୍ତି।

### ଇଚ୍ଛା ଅଛି

ଅଭିନେତା ଭାବେ ଜିଇବା ଓ ଅଭିନେତା ଭାବେ ମରିବାକୁ ଚାହେଁ। ଏହାଛଡା ଦ୍ୱିତୀୟ କଥା ମୁଁ କେବେ ଭାବିନି।

**-ଶିବାନୀ ମହାନ୍ତି**



# ଭଜନ ଦେଇଛି ପରିଚୟ



**ପିଲାଦିନରୁ ସେ ଗୀତ ଗାଇବାକୁ ଖୁବ୍ ଭଲ ପାଉଥିଲେ। ଗାଁରେ, ସ୍କୁଲରେ ସବୁଠି ଗୀତ ଗାଇ ପ୍ରଶଂସା ସାଉଁଟୁଥିଲେ। କିନ୍ତୁ ଜାଣି ନ ଥିଲେ ଦିନେ ସେ ଓଡ଼ିଶାରେ କଣ୍ଠଶିଳ୍ପୀଭାବେ ପରିଚିତ ହେବେ। ପଞ୍ଜୁରୀ ଭିତରେ ଶାରୀ... ଶାରୀ କହେ ହରିହରି, ଯମୁନା କହୁଛି ଯଶୋଦାକୁ ଚାହିଁ... ଆଦି ଭଜନ ଗାଇଥିବା ଅଞ୍ଜଳି ମିଶ୍ରଙ୍କ ସମ୍ପର୍କରେ...**


ପିଲାଦିନରୁ ସେ ଗୀତ ଗାଇବାକୁ ଖୁବ୍ ଭଲ ପାଉଥିଲେ। ଗାଁରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉ କି ସ୍କୁଲ ଉତ୍ସବ ସବୁଠି ଭଜନ ଗାଇ ସମସ୍ତଙ୍କ ପାଖରେ ପ୍ରଶଂସିତ ହୁଅନ୍ତି । ଯାହା ପରବର୍ତ୍ତୀ ସମୟରେ ତାଙ୍କୁ ଗାୟିକାର ପରିଚୟ ଦେଲା। ତାଙ୍କରି ସୁମଧୁର କଣ୍ଠରୁ ଶୁଭିଲା – ପଞ୍ଜୁରୀ ଭିତରେ ଶାରୀ, ଶାରୀ କହେ ହରି ହରି । ପୁଣି ଯ..ମୁ..ନା କହୁଛି– ଯଶୋଦାକୁ ଚାହିଁ, ଯଶୋଦା ଲୋ ...ଏମିତି ଶତାଧିକ ଲୋକପ୍ରିୟ ଭଜନ, ଯାହା ତାଙ୍କୁ ଓଡ଼ିଶାର ଘରେ ଘରେ ପରିଚିତ କରାଇଲା। ପ୍ରାୟ ତିନିଦଶନ୍ଧି ଧରି ସଂଗୀତ ସାଧନା ଜାରି ରଖିଥିବା ଏହି କଣ୍ଠଶିଳ୍ପୀ ହେଲେ ଅଞ୍ଜଳି ମିଶ୍ର। ପିତା ନାରାୟଣ ମିଶ୍ର, ମାତା ରମାମଣି ମିଶ୍ର। ଘର ପୁରୀ ଜିଲା ବ୍ରହ୍ମଗିରିଅଞ୍ଚଳର କପିଳେଶ୍ୱର ପୁରରେ। ସେ କୁହନ୍ତି, 'ଆମ ଘରେ ମୋ ମା' ଗୀତ ଗାଏ। ମତେ ଗୀତ ଶୁଣିବାକୁ ଭଲଲାଗେ କିନ୍ତୁ ଗାଁ ୟୁ.ପି.ସ୍କୁଲରେ ପଢ଼ିଲା ବେଳେ ମନକୁ ମନ ଗୁଣୁଗୁଣୁ ହୋଇ ଗୀତ ଗାଉଥିଲି। ଯେବେ ଗାଁରେ କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ କିମ୍ବା ସ୍କୁଲ ବାର୍ଷିକ ଉତ୍ସବ ହୁଏ ସେଠାରେ ଗୀତ ଗାଇଲେ ସମସ୍ତେ ମତେ ପ୍ରଶଂସା କରୁଥିଲେ । ଯେଉଁଥିପାଇଁ ସଂଗୀତ ପ୍ରତି ଅଧିକରୁ ଅଧିକ ଆଗ୍ରହ ବଢ଼ିଲା। ଗାଁରେ ଗୁରୁ ନୀଳାମ୍ବର ତ୍ରିପାଠୀଙ୍କଠାରୁ ସଂଗୀତଶିକ୍ଷା ପାଇଲି ଏବଂ ଗୁରୁ ତଥା ପଣ୍ଡିତ ନୀଳକଣ୍ଠ ମିଶ୍ରଙ୍କଠାରୁ ମଧ୍ୟ ଶାସ୍ତ୍ରୀୟସଂଗୀତରେ ବିଧିବଦ୍ଧଭାବେ ଶିକ୍ଷା ପାଇଲି। ଏଥିପାଇଁ ଘରେ ମୋ ମା' ଓ ସାନଭାଇ ଅକ୍ଷୟମିଶ୍ର ମୋ ସଂଗୀତକୁ ନେଇ ମତେ ସବୁବେଳେ ଉତ୍ସାହିତ କରୁଥିଲେ। ଗାଁର ଅତିବଡ଼ୀ ଜଗନ୍ନାଥ ଦାଶ ହାଇସ୍କୁଲରୁ ୧୦ମ ପାସ କଲି। ଏହାପରେ ସାମନ୍ତଚନ୍ଦ୍ରଶେଖର ମହାବିଦ୍ୟାଳୟ ପୁରୀରେ ବିଏ କଲି। ତା'ପରେ ରୁରାଲ ଡେଭଲପ୍‌ମେଣ୍ଟରେ ଏମ୍‌ଏ କଲି। +୨ ଦ୍ୱିତୀୟବର୍ଷର ଛାତ୍ରୀଥିବା ସମୟରେ ଥରେ ପିପିଲିରେ ଆୟୋଜିତ ଏକ ଭଜନ ସମାରୋହରେ ଯୋଗ ଦେଇଥିଲି। ସେଠାରେ ସମସ୍ତେ ଖୁବ୍ ପ୍ରଶଂସା କରିଥିଲେ। ଆଉ ତାଙ୍କ ଭିତରେ ଜଣେ ଥିଲେ ପୁରୀର ରଞ୍ଜନ ମିଶ୍ର। ଯାହାଙ୍କ ସହିତ ପରେ ମୋର ବିବାହ ହୋଇଥିଲା। ସେ ଆକାଶବାଣୀର ଜଣେ ସ୍ୱୀକୃତୀପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ, ଗାୟକ ଓ ହାରମୋନିୟମ ବାଦକ। ଶ୍ୱଶୁର ରାଜକିଶୋର ମିଶ୍ର ଥିଲେ ଜଣେ ମାର୍ଦ୍ଦଳ ଓ ତବଲା ବାଦକ। ଶାଶୁଘରେ ସ୍ୱାମୀଙ୍କ ମାର୍ଗଦର୍ଶନ ଓ ସହଯୋଗ ମୋ ସଂଗୀତକ୍ଷେତ୍ରରେ ମତେ ଆଗକୁ ଯିବାରେ ପ୍ରେରଣା ଦେଲା। ମୋର ପ୍ରଥମ ଭଜନ ସୁନାରୁପା କିଛି ଦିନେ ମାଗି ନ ଥିଲି... ପୁଣି କାଳିଆରେ ମନ ବୋଲି ତୋର କିଛି ନାହିଁ। ଏହାପରେ ଦୁଇଦିନ ମଣିଷ ଜୀବନ କ୍ୟାସେଟ– ପଞ୍ଜୁରୀ ଭିତରେ ଶାରୀ... ଶାରୀ କହେ ହରିହରି, ଯମୁନା କହୁଛି ଯଶୋଦାକୁ ଚାହିଁ... ଆଦି ଭଜନ ଗାଇଲି। ଯେତେବେଳେ ବିଭିନ୍ନ ସ୍ଥାନରେ କ୍ୟାସେଟ୍‌ରୁ ମୋର କଣ୍ଠସ୍ୱର ବାଜୁଥିଲା ମୋର ପରିଚିତ ଲୋକମାନେ ସେହି ଗୀତ ଓ ଭଜନକୁ ଶୁଣି ମତେ କହିଲେ, ତୁ ଗାଇଥିବା ଭଜନ ଚାରିଆଡ଼େ ବାଜୁଛି । ଏହି କଥା ଶୁଣି ମୋ ଆଖିରୁ ଆପେଆପେ ଲୁହ ଝରି ଆସିଥିଲା। ସେଦିନ ପରିବାରରେ ଖୁସିର ଲହରି ଖେଳି ଯାଇଥିଲା, ଯାହା ସବୁଦିନ ସ୍ମରଣୀୟ ହୋଇ ରହିବ। ତେବେ କହିବାକୁ ଗଲେ ୨୦୦୧ ମସିହାରୁ ଓଡ଼ିଶାର ଜଣେ କଣ୍ଠଶିଳ୍ପୀ ଭାବେ ମତେ ପରିଚୟ ମିଳିଛି। ସେତେବେଳେ ଗୋଟିଏ ଷ୍ଟେଜ ଶୋ ପ୍ରୋଗ୍ରାମରେ ମଳୟ ମିଶ୍ର ମତେ ସୁଯୋଗ ଦେଇଥିଲେ। ନନ୍ଦପୁଅ ନଟନାଗର କ୍ୟାସେଟ୍– ଦହି ମନ୍ଥୁମନ୍ଥୁ ... ଏହି ଗୀତରେ ଲୋକଲୋଚନକୁ ଆସିଥିଲି। ସେହିପରି ଭଜନ 'ଝୁଲଣ ପଡ଼ିଛି ଖାଲି' ଗାଇଛି। ଭଜନ ସହ ଆଧୁନିକ ଗୀତ ବି ଗାଇଥାଏ। ଏଯାଏ ପ୍ରାୟ ୨ଶହ ଗୀତ ଗାଇସାରିଛି। କିନ୍ତୁ ଯେଉଁଠିକୁ ଗୀତଗାଇବାକୁ ଯାଏ ସେଠାରେ ପ୍ରଥମେ ପଞ୍ଜୁରୀ ଭିତରେ ଶାରୀ... ଗୀତକୁ ଗାଇଥାଏ। ମୁଁ ଯେତେବେଳେ ବାପଘରକୁ ଆସେ ଗାଁରେ ଯେଉଁମାନେ ଦେଖନ୍ତି ଖୁବ୍ ଖୁସୀ ହୋଇ ଗାଁର ସୁନାମ ରଖିଲୁ ବୋଲି ମୋତେ ପ୍ରଶଂସା କରନ୍ତି। ପ୍ରାୟ ୨୦ଟି ସିନେମାରେ ଗୀତ ଗାଇଛି। ସେଥିମଧ୍ୟରେ 'ତୁ ଏକା ଆମ ସାହାଭରସା'ରେ ମନ ଚାହେଁ ମୋର ଉଡ଼ିଯିବା ପାଇଁ.., 'ରଙ୍ଗିଲାଟୋକା'ରେ ସଜନୀ ସଜନୀ.., 'ଚୌକା ଛକା'ରେ ରୁଣୁଝୁଣୁ କହେ.. ଆଦି ସିନେମା ଗୀତରେ କଣ୍ଠଦାନ କରିସାରିଛି। ପୁରସ୍କାର ଭାବେ ଏବି ଭିଜୁଆଲ, ୨୦୦୪ରେ ତୁଏକା ଆମ ସାହାଭରସା ଚଳଚ୍ଚିତ୍ର ପାଇଁ ପ୍ରଚ୍ଛଦ ଗାୟିକାଭାବେ ସମ୍ମାନ ମିଳିଛି। ହେରାପଞ୍ଚମୀ ଭଜନ ସମାରୋହ, ଦେବଦୀପାବଳି ସମ୍ମାନ, ପ୍ରଦୀପ୍ତ ମହାରଥୀ ସମ୍ମାନ ଆଦି ଅନେକ ପୁରସ୍କାର ଓ ସମ୍ମାନ ମିଳିଛି। ଆକାଶବାଣୀର କଣ୍ଠଶିଳ୍ପୀ ରୂପେ ସ୍ୱୀକୃତୀ ମିଳିଛି। ଲୋକଙ୍କ ଭଲପାଇବା, ମହାପ୍ରଭୁଙ୍କ କୃପା, ପରିବାରର ସହଯୋଗ, ଗୁରୁଜନଙ୍କ ଆଶୀର୍ବାଦ ଯୋଗୁ ଏଠି ପହଞ୍ଚିପାରିଛି। ପ୍ରତିଦିନ ମୋର ସଂଗୀତ ସାଧନାକୁ ଜାରି ରଖିଥାଏ। ଏହା ଈଶ୍ୱରଙ୍କ ବରଦାନ। ଏହାକୁ ସାଧନା କରିବା ମୋର କର୍ତ୍ତବ୍ୟ। **–ବନବିହାରୀ ବେହେରା**











# ଉପଲବ୍ଧି

-ସୁଜାତା ମିଶ୍ର

କିଛି ଖରା ଆଉଁସି ଯାଇଛି
ମନ ସବୁଜିମା
କିଛି ଭାବନା ଉଡିବୁଲୁଚି
ମେଲେଇ ସ୍ୱପ୍ନର ଡେଣା
କୋଉଠି ବାସୁଛି ଚନ୍ଦନ ଚନ୍ଦନ
କୋଉଠି ହସୁଛି ପତା ନ ଥିବା ହଳେ
ମନୋରମ ଡୋଳା... !
ମନ ସାରା ଫୁଟେଇଛି ନୀଳ
ଅନୁରାଗର କଇଁ..,
ପ୍ରଣବ ଝଙ୍କାର ତୋଳି
ବିଶ୍ୱାସର ନଦୀଟିଏ
ସତେ ଅବା ଯାଉଅଛି ବହି
ନୀଳ ରଙ୍ଗର ସମ୍ମୋହନ ଭିତରେ
ଅଳସ ଭାଙ୍ଗେ
ସମର୍ପଣର ସକାଳ,
ଅନେକ ପାବନ ପ୍ରତିଶ୍ରୁତି
ନେଇ ନଇଁ ଆସେ
ଅନ୍ତର୍ମୁଖୀ ଚିନ୍ତନର ବେଳ.. ।

ନିଃଶ୍ୱାସ ମହକି ଯାଏ
ଯେସନେ କଦମ୍ବର ଶିହରଣ
ସାଗର ବୁକୁରେ ଯେମିତି
ବ୍ୟାକୁଳ ନଦୀପଣ
ଅପୂର୍ବ ଏ ଉପଲବ୍ଧି
ବିଭୋରତାର ।

*-କସ୍ମୋପଲିସ୍, ଭୁବନେଶ୍ୱର*
*ମୋ:୯୪୩୭୧୧୭୦୮୪*

# ଉପେକ୍ଷା

-ଜ୍ୟୋସ୍ନାରାଣୀ ପଣ୍ଡା

ବେଳାଭୂମି ବ୍ୟଥା ବୁଝିପାରେ ନାହିଁ
ନୀଳସିନ୍ଧୁ ଉର୍ମିମାଳା
ଭିଜେଇବା ଆଗୁ ଫେରିଯାଏ ବୋଳି
କଳଙ୍କର ଗାଢ଼ କଳା ।
ତନୁ ଛୁଏଁ ସିନା ଭିଯାଏନି ମନ
ବଢେ ବେଳାଭୂମି ଜ୍ୱାଳା
ମନ କଥା ତାର ମନେ ମରିଯାଏ ।

*-ଗୁଡିଆ ପୋଖରୀ, ଭୁବନେଶ୍ୱର*
*ମୋ:୯୬୬୮୫୩୫୦୩୨*

# କଥା

-ନଳିନୀ ଦାଶ

କଥା ରହିଗଲା ଜହ୍ନରେ
କଥା ରହିଗଲା ମନରେ
କେବେ ତୁମ ଲାଗି , କେବେ ମୋ ଲାଗି
କଥା ମରେ ହୀନିମାନରେ
ଯୋଉ କଥା ଲାଗି ଫୁଟଇ ଫୁଲ
ଯୋଉ କଥା ଲାଗି ମାଟି ଅମୂଲ
ଯା'ଲାଗି ସଳିତା ଜଳେ ଦୀପରେ,
ଯୋଉ କଥା ଲାଗି ସୁରୁଜ ଉଏଁ
ସାତ ରଙ୍ଗ ମିଶି ଗୋଟିଏ ହୁଏ
ଯା' ଲାଗି ସରଗ ଛୁଏଁ ମାଟିରେ ।

*-ଅଧକ୍ଷା ସାଧନା ମ୍ୟୁଜିକ୍ ସେଣ୍ଟର ,*
*ଶୈଳଶ୍ରୀ ବିହାର, ମୋ:୯୮୬୧୨୧୧୩୩୧*

# ବିଶ୍ଲେଷଣ

– ଶ୍ୱେତପଦ୍ମା ପାଢୀ

ହାତରେ ପେନ୍ ଆଉ ଟେବୁଲ୍‌ର ଗୋଟେ ପଟେ ମେଞ୍ଚେ ବହି ଗଦା ହେଇଛି । ଆରପଟକୁ ଲାପଟପ୍ ଅଛି । ରୁମ୍ ଯାକ ବହି ସବୁ ଆଲୁରୁ ମାଲୁରୁ ହେଇ ପଡ଼ିଛି । ପଛପଟ କାନ୍ଥରେ ବିରାଟ ବଡ ତୈଳ ଚିତ୍ର ଶିରିଡି ସାଇ ବାବାଙ୍କର । ଆଖି ଏକରକମ ଡାଇରୀରେ ନିମଗ୍ନ, ମୁହଁରୁ ଅନିସନ୍ଧିତ୍ସୁ ଜିଜ୍ଞାସା ବାରି ହେଇ ପଡୁଥାଏ । ମୁଁ ସେମିତି କବାଟ ପାଖରେ ଛିଡ଼ା ହେଇ ତାଙ୍କୁ ଚାହିଁ ରହିଲି । ସେ କିନ୍ତୁ ପୁରାପୁରି ନିମଗ୍ନ । ମୁଁ ଦ୍ୱନ୍ଦ୍ୱରେ ଥିଲି ଭିତରକୁ ଯିବି ନଯିବି । କିଛି କ୍ଷଣର ନୀରବତାକୁ ଭାଙ୍ଗି ପଚାରିଲି ଭିତରକୁ ଯାଇ ପାରେ କି ? ମୁଣ୍ଡ ନୁଆଁଇ ସେ ପ୍ରତିଉତ୍ତର ରେ କହିଲେ, ''ମନା କଲେ କ'ଣ ଫେରିକି ପଳେଇବ ?'' ମୁଁ ନିଜେ ସେତେବେଳେ ଯୁକ୍ତି କରିବା ମାନସିକତାରେ ନଥିଲି, ଅଗତ୍ୟା ଚୁପ୍ ରହିଲି । ପୁଣି ଥରେ ନୀରବତାର ପଣତ ବିଛୁରିତ ହେଇଗଲା ସାରା ରୁମ୍‌ରେ । ମୁଁ କିଛି ବି କହିଲି ନାହିଁ । ସେ ଯେଉଁଥିରେ ନିମଗ୍ନ ଅଛନ୍ତି ସେଇ ଉଦ୍ଦେଶ୍ୟ ପୂର୍ଣ୍ଣ ହେଉ ନହେଲେ କଥାବାର୍ତ୍ତାର କିଛି ମୀମାଂସା ହେଇପାରିବ ନାହିଁ ।

କିଛି ସମୟ ପରେ, ସେ ପଚାରିଲେ

– ସମୟ କେତେ ଦେଖିଲଣି ?

– ହଁ..

–କେମିତି ଦେଖି ପାରୁଛ ?

– ମୁଁ ବର୍ତ୍ତମାନରେ ବଞ୍ଚିବା ମଣିଷ ! ଗତସ୍ୟ ସୋଚନା ନାସ୍ତି ଆଉ ଭବିଷ୍ୟତ ପାଇଁ ଭାବି ଏବେଠାରୁ ମୁଣ୍ଡ ଖରାପ କରିବାକୁ ଚାହେଁ ନାହିଁ ।

–ସତହ୍‌ରେ ?

–ମାନେ !

– କାହିଁକି ଭବିଷ୍ୟତ ବିଷୟରେ ଭାବି ପାରିବ ନାହିଁ ?

– କାହିଁକିର ଉତ୍ତର ଖୋଜି ଖୋଜି ତ' ଆଜି ମୋର ଏ ପରିସ୍ଥିତି ! ଏଇ ଜୀବନ ତମାମର ଅନ୍ତହୀନ ଜିଜ୍ଞାସାର କାନଭାସ୍ ପଛରେ ଧାଇଁ ଧାଇଁ ନା ଶାନ୍ତିରେ ନିଦ ହେଉଛି ନା ମୁହଁରେ ହସ ଫୁଟି ପାରୁଛି !

ସେ ଏକରକମର ଗମ୍ଭୀର ଦିଶିଲେ । ତାଙ୍କ ଆଖିରୁ ହିଁ ଜଣାପଡୁଥିଲା ମୋ 'ହଁ' ଆଉ 'ନାହିଁ' ର ଉତ୍ତର ଭିତରେ ଥିବା ଅନ୍ତର୍ନିହିତ ଚିନ୍ତା ଓ ପ୍ରତିଉତ୍ତରକୁ ନେଇ ବିଶ୍ଲେଷଣ କରୁଛନ୍ତି । କିନ୍ତୁ ମୁଁ ଅନ୍ତଃକରଣରୁ ପ୍ରସ୍ତୁତ ଥିଲି । ସେ ଆଉ ପଦେ କହିଥିଲେ ଚିତ୍କାର କରି ଉଠିଥାନ୍ତି ଯେ 'ନା ! କାହାକୁ ସୁଖ ଦେବା ପାଇଁ କି କାହାର ସ୍ୱାର୍ଥ ପାଇଁ କି କାହାର ମାନ ଇଜ୍ଜତ ରଖିବା ପାଇଁ ନିଜକୁ ବଳି ଚଢ଼େଇ ପାରିବି ନାହିଁ । କସ୍ମିନ୍ କାଳେ କୌଣସି ଯନ୍ତ୍ରଣାକୁ ହସି ହସି ସହ୍ୟ କରିପାରିବି ନାହିଁ । ମୁଁ ଆଉ ମେନିକୁଇନ୍ ସାଜି ପାରିବି ନାହିଁ !' ମୋ ଆଖିରୁ ନିଃସୃତ ହେଉଥିବା କ୍ରୋଧ ଓ ଘୃଣାର ନିଆଁରେ ସେ ଥମି ଯାଇଥିଲେ ।

ମନରେ ତା' ପାଇଁ ଯେତେ ଦୁର୍ବଳତା ଅଛି
ଯେତେ ଚେଷ୍ଟା କଲେ ବି
ପାଦରେ ଆଡେଇ ଦେଇପାରୁ ନାହିଁ ।
ସବୁ ମୋହ ମାୟା ମିଛ ଲାଗିଲାଣି
ଭୁଲ୍‌କୁ ସୁଧାରିବାର ଇଚ୍ଛା ବି ନାହିଁ ।
କେଜାଣି ଲାପଟପ୍‌ର କୋଉ ଡ୍ରାଇଭ୍‌ର
କୋଉ ଫୋଲଡର୍ ଭିତରେ
ସ୍ମୃତି ବନ୍ଧା ପଡ଼ିଛି
ଖୋଜି ଦେଖିବାର ଜିଜ୍ଞାସା ମଧ୍ୟ ନାହିଁ ।
ମିଛ ହସ ପଛରେ ଥିବା ଲୁହକୁ
ଲୁଚେଇ ଦେବା ବାହାନାରେ
ଜଣାନାହିଁ କେଜାଣି କେତେବେଳେ ମୁଁ
ଗୋଟେ ମାନେକୁଇନ୍ ପାଲଟି ଗଲିଣି ।।

*-ପୁନେ, ମହାରାଷ୍ଟ୍ର*
*ମୋ:୯୧୬୮୦୫୩୮୬୮*







# ଆକ୍ସନ ମୁଡ୍‌ରେ ଦିଶା

ଦିଶା ପଟାନି ଏବେ ଆକ୍ସନ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। କିନ୍ତୁ ଏମିତି କ'ଣ ହେଲା ଯେ, ସେ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ? ଏ ନେଇ ଦିଶା କହନ୍ତି, 'ନିକଟ ଅତୀତରେ ମୁଁ ଅନେକ ଆକ୍ସନଭିତ୍ତିକ ଫିଲ୍ମ ଦେଖିସାରିଛି। ବିଶେଷଭାବରେ ହଲିଉଡ୍‌ରେ ନିର୍ମିତ ଏଭଳି ଫିଲ୍ମ ମୋତେ ଆକ୍ସନ ରୋଲ୍ କରିବାକୁ ବେଶୀ ଅନୁପ୍ରାଣିତ କରିଛି। ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି। କେବଳ ସେତିକି ନୁହେଁ, ଭଲ ଭଲ କେତୋଟି ଆକ୍ସନଭିତ୍ତିକ କାହାଣୀ ମଧ୍ୟ ସିଲେକ୍ସନ କରିଛି। ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ଯଦି ପ୍ରଯୋଜକ ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ।' ଦିଶାଙ୍କ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ତେଲୁଗୁ ଫିଲ୍ମ 'ଲୋଫର'ରୁ। ଏହାପରେ ସେ 'ଏମ୍.ଏସ୍.ଧୋନୀ: ଦ ଅନଟୋଲ୍ଡ ଷ୍ଟୋରୀ', 'ବାଗି-୨', 'ମଲଙ୍ଗ', 'ବାଗି-୩', 'ରାଧେ' ଏବଂ 'ଏକ ଭିଲେନ୍ ରିଟର୍ନସ' ଆଦି ହିନ୍ଦୀ ଫିଲ୍ମରେ ଅଭିନୟ କରିସାରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ହାତରେ ଏବେ ତିନୋଟି ନୂଆ ସିନେମା 'ଯୋଦ୍ଧା', 'ପ୍ରୋଜେକ୍ଟ କେ' ଏବଂ ଏକ ଅନଟାଇଟଲଡ ଫିଲ୍ମ ରହିଛି।



ଦିଶା

# 'ଶମ୍ଭୁ'ରୁ ଶୁଭମ

ଓଡ଼ିଆ ସିନେମାର ନବାଗତ ନାୟକ ତାଲିକାରେ ଆଉ ଜଣେ ନିଜ ନାମକୁ ସାମିଲ କରିଛନ୍ତି। ସେ ହେଲେ ଶୁଭମ। ନିର୍ମିତ ହେଉଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଶମ୍ଭୁ'ରୁ ସେ ନାୟକ ଭାବରେ ଦେଖାଦେବେ। ଅନୁପମା ମୁଭିଜ୍ ଦ୍ୱାରା ପ୍ରସ୍ତୁତ, ବିଭୁତି ଜେନା ନିବେଦିତ, ମୋହନ କୁମାରଙ୍କ ପ୍ରଯୋଜିତ ଏହି ଫିଲ୍ମର ଶୁଭ ମହୁରତ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଏସ. ଦିଲୀପ ପଣ୍ଡା। ଏହି ଫିଲ୍ମରେ ଶୁଭମଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ତମନ୍ନା। ଏମାନଙ୍କ ବ୍ୟତୀତ ଜୀବନ ପଣ୍ଡା, ହରିହର ମହାପାତ୍ର, ବାବୁ ପ୍ରଧାନ, ଚିନ୍ତାମଣି ବିଶ୍ୱାଳ, କେକେ, ଡିସ୍କୋ ରେଡ୍ଡୀ, ବ୍ଲାକରବିଙ୍କ ସହିତ ଶିଶୁ କଳାକାର ବିନମ୍ରା ଜେନାଙ୍କୁ ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ରର କାହାଣୀ ଅନୁପମା ନନ୍ଦ ରଚନା କରଥିବା ବେଳେ ସଂଳାପ ଲେଖିଛନ୍ତି ଆଗଧାଡିର ତଥା ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଦୀପକ କୁମାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଏହାପୂର୍ବରୁ ଦିଲ୍ଲୀପ 'ରସିକ ନାଗର', 'କ୍ରିମିନାଲ', 'ଧର୍ମ', 'ମେଣ୍ଟାଲ', 'ହରି ଓମ ହରି, 'ହୀରୋ' 'ଟାଇଗର' ଆଦି ୨୪ଟି ସିନେମାର ନିର୍ଦ୍ଦେଶନା ଦେଇସାରିଛନ୍ତି। ଏହି ଚଳଚ୍ଚିତ୍ରର ଶୁଟିଂ ଚଳିତ ମାସରେ ହିଁ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଏହାର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ।


ଶୁଭମ୍‌-ତମନ୍ନା

# ଅକ୍ଷୟ ନା କାର୍ତ୍ତିକ



ଅକ୍ଷୟ

ଆସୁଛି ସୁପରହିଟ୍ କମେଡି ଫିଲ୍ମ 'ହେରା ଫେରି'ର ସିକ୍ୱେଲ 'ହେରା ଫେରି ୩'। ତେବେ ରାଜୁ ଭୂମିକାରେ ଅଭିନୟ କରି ସମସ୍ତଙ୍କୁ ଖୁବ୍ ହସାଇଥିବା ଅକ୍ଷୟ କୁମାର ଏହାର ଏକ ଅଂଶ ହେବେ ନା ନାହିଁ ତାହା ଏବେବି ଜଣାପଡି ନାହିଁ। ପ୍ରଯୋଜକ ଫିରୋଜ ନାଦିଆଦୱାଲା ନିକଟରେ କହିଥିଲେ, 'ହେରା ଫେରି ୩'ର କାଷ୍ଟିଂ ବିଷୟରେ ଯେତେବେଳେ ମୁଁ ଚିନ୍ତା କଲି ସେତେବେଳେ ମନସ୍ଥ କରିଥିଲି ଯେମିତି ହେଉ ଅକ୍ଷୟ କୁମାରଙ୍କୁ ପ୍ରଥମେ ସାଇନ୍ କରାଇବି। କାରଣ 'ନୋ ଅକ୍ଷୟ କୁମାର ନୋ ହେରା ଫେରି ୩'। ପ୍ରଯୋଜକଙ୍କର ଏଇ ଏକଥା ଭାଇରାଲ ହେଇଥିଲା, ଆଉ ଅକ୍ଷୟ କୁମାରଙ୍କ ପ୍ରଶଂସକମାନେ ବେଶ୍ ଖୁସି ହୋଇଥିଲେ। ହେଲେ ଅନ୍ୟପକ୍ଷେ ଏହା ମଧ୍ୟ ଶୁଣିବାକୁ ମିଳୁଛି ଯେ ଅକ୍ଷୟଙ୍କର ଏହି ଚଳଚ୍ଚିତ୍ରର ଅଂଶ ହେବାକୁ ଇଚ୍ଛା ନାହିଁ। ତାଙ୍କ ସ୍ଥାନରେ କାର୍ତ୍ତିକ ଆର୍ଯ୍ୟନ ଅଭିନୟ କରିବେ। ଆଉ କିଛି ରିପୋର୍ଟ ଅନୁସାରେ ଫିରୋଜ କାଳେ ଅକ୍ଷୟଙ୍କୁ ମନାଇବାକୁ ଚେଷ୍ଟା କରୁଛନ୍ତି। ତେବେ ଶେଷରେ କିଏ ଏହି ଚଳଚ୍ଚିତ୍ରର ଅଂଶ ହେବ ପରବର୍ତ୍ତୀ ସମୟରେ ଜଣାପଡିବ।


କ୍ରିତି

# ଅନୁତାପ କରୁଛନ୍ତି କ୍ରିତି

କଥାରେ ଅଛି- 'ବୋହିଗଲା ପାଣି ଆଉ ଧନୁରୁ ତୀର ଖସିଗଲା ପରେ ତାହା ଆଉ ଫେରିଆସେନା।' ଦେଖୁନାହାନ୍ତି, ଯେତେବେଳେ ତାଙ୍କୁ ଏହି ଅଫରଟି ମିଳିଲା, ସେଥିରେ ଅଭିନୟ କରିବେ ନାହିଁ ବୋଲି କହି ଏଭଳି ସୁଯୋଗକୁ ହାତଛଡ଼ା କରିଥିଲେ। ହେଲେ ପରେ ନିଜର ନୂଆ ନିଷ୍ପତ୍ତି ବିଷୟରେ ଯେତେବେଳେ ପ୍ରଯୋଜନା ସଂସ୍ଥା ସହ ଯୋଗାଯୋଗ କଲେ, ସେତେବେଳେ ସବୁକିଛି ଓଲଟ ପାଲଟ ହୋଇ ଯାଇଥିଲା। ହଁ, ଏପରି ସୁଯୋଗ କ୍ରିତି ସାନନ୍‌ଙ୍କୁ ମିଳିଥିଲା। ଅଫରଟି ହାତଛଡ଼ା କରିବା ପରେ ଏବେ ତାଙ୍କ ସ୍ଥାନରେ ଜଣେ ନବାଗତାଙ୍କୁ ସାଇନ୍ କରାଯାଇଛି। ଏ ନେଇ କ୍ରିତି କହନ୍ତି, 'ଏହି ଅଫରଟି ମିଳିବା ସମୟରେ ମୁଁ ସେଥିରେ ଆକ୍ଟିଂ କରିବି ନାହିଁ ବୋଲି ମନା କରିଦେଇଥିଲି। ଯେତେବେଳେ ନିଷ୍ପତ୍ତି ପରିବର୍ତ୍ତନ ନେଇ ଜଣାଇଲି, ସେତେବେଳକୁ ସେମାନେ ଜଣେ ନବାଗତାଙ୍କୁ ସାଇନ୍ କରାଇ ସାରିଥିଲେ। ଏବେ କେବଳ ମୁଁ ସେଭଳି ଅଫର ହାତଛଡ଼ା କରି ଅନୁତାପ ହିଁ କରୁଛି।'


ତାପସୀ

# ଶାହରୁଖ ଦ ବେଷ୍ଟ

ତାପସୀ ପାନ୍ନୁ ଏବେ ଜଣଙ୍କ ପ୍ରଶଂସାରେ ଶତମୁଖ। ଯୁଆଡ଼େ ଗଲେ ତାଙ୍କୁ ଭୁରି ଭୁରି ପ୍ରଶଂସା କରୁଛନ୍ତି। ହେଲେ ସେ କାହାର ପ୍ରଶଂସା କରୁଛନ୍ତି ଜାଣିବେନି ? ହଁ ସେ ହେଲେ ଶାହରୁଖ ଖାଁ। ଏହା ପଛରେ ସେପରି କାରଣ ମଧ୍ୟ ରହିଛି। ଆସନ୍ତା ବର୍ଷ ଡିସେମ୍ବର ୨୨ରେ ଶାହରୁଖ-ତାପସୀଙ୍କୁ ନେଇ ପ୍ରସ୍ତୁତ ତଥା ରାଜ କୁମାର ହିରାନୀଙ୍କ ନିର୍ଦ୍ଦେଶିତ 'ଡଙ୍କି' ପରଦା ଉପରକୁ ଆସିବ। ପୁଣି ଥରେ ଏହି ଯୋଡି ଆଉ ଏକ ସିନେମାରେ ଅଭିନୟ କରିବାର ଯୋଜନା ରହିଛି। ଏ ନେଇ ତାପସୀ କହନ୍ତି, 'ସତ କଥା କହିବାକୁ ଗଲେ ଶାହରୁଖଙ୍କ ଆକ୍ଟିଂ ମୋତେ ବେଶୀ ଇମ୍ପ୍ରେଶ କରିଛି। ଏବେ ଆଉ ଏକ ଫିଲ୍ମରେ ତାଙ୍କର ନାୟିକା ସାଜିବାର ଯୋଜନା ମଧ୍ୟ ରହିଛି। ତେବେ 'ଡଙ୍କି' ହିଟ୍ ହେବ ବୋଲି ଆଶା ରହିଛି। ଏଥିରେ ମୋତେ ମିଳିଥିବା ଭୂମିକାଟି ଭିନ୍ନ ଧରଣର। ଅସଲ କଥା ହେଲା, ସବୁ ଭୂମିକାକୁ ମୁଁ ଗୁରୁତ୍ୱର ସହ ନେଇଥାଏ। ଶାହରୁଖଙ୍କ ନିକଟରୁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିବାର ଅଛି। ତାଙ୍କର ପଙ୍କ୍‌ଚୁଆଲିଟି ମୋତେ ବେଶି ପ୍ରଭାବିତ କରିଛି।'


ମଲାଇକା

# ରହସ୍ୟ ଖୋଲିଲେ ମଲାଇକା

ଥରେ ମନେ ପକାନ୍ତୁ ନା ମଣି ରତ୍ନମଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ 'ଦିଲ୍ ସେ'କୁ। ଏଥିରେ ସଂଯୋଜିତ ଗୀତ 'ଛେଇୟାଁ ଛେଇୟାଁ' ସେତେବେଳେ ଶ୍ରୋତାଙ୍କ ମନକୁ ବେଶ୍ ଛୁଇଁଥିଲା। ଉକ୍ତ ଗୀତର ତାଳେ ତାଳେତାଳେ ଶାହରୁଖ ଏବଂ ମଲାଇକା ଆରୋରାଙ୍କ ନୃତ୍ୟ ଯୁବପିଢ଼ୀଙ୍କୁ ମତୁଆଲା କରିଥିଲା। ହେଲେ ଏହି ନୃତ୍ୟ ପଛର ଏକ ରହସ୍ୟ ଉପରୁ ନିକଟରେ ପରଦା ହଟାଇଛନ୍ତି ମଲାଇକା। ସେ ଏଥିଲାଗି ଫାଷ୍ଟ ଚଏସ୍ ନ ଥିଲେ। ଏ ନେଇ ମଲାଇକା କହନ୍ତି, 'ଯେତେବେଳେ ଏହି ଡାନ୍ସର କୋରିଓଗ୍ରାଫି ହେଲା, ସେତେବେଳେ ନିର୍ଦ୍ଦେଶକ ଶିଳ୍ପା ସେଟ୍ଟିଙ୍କୁ ସାଇନ୍ କରାଇବାକୁ ଚାହିଁଥିଲେ। ହେଲେ କେତେକ କାରଣରୁ ସେ ମନା କରିବାରୁ ଶିଳ୍ପା ଶିରୋଦକରଙ୍କୁ ଯୋଗାଯୋଗ କରାଗଲା। ହେଲେ ସେ ମନା କରିବାକୁ ଶେଷରେ ମୋତେ ଅଫରଟି ମିଳିଥିଲା। ଗୀତଟି ଶୁଣିବା ପରେ ମୁଁ ସେତବେଳଠାରୁ ମାଇଣ୍ଡ ମେକଅପ କରିନେଇଥିଲି ଯେ, ଏଥିରେ ଏଭଳି ଡ୍ୟାନ୍ସ କରିବି ଯାହା ଗୀତଟିକୁ ସଫଳତାର ଶୀର୍ଷରେ ପହଞ୍ଚାଇ ଦେବ। ଯାହା ହେଉ ଫରହା ଖାଁଙ୍କ କୋରିଓଗ୍ରାଫିରେ 'ଛେଇୟାଁ ଛେଇୟାଁ' ଡ୍ୟାନ୍ସ ସୁପର ହିଟ୍ ହେଇଥିଲା।

ପ୍ରଥମ ରୋଜଗାର

# ଝିଅର କଲେଜ ଫିସ୍ ଦେଇଥିଲି



**ସେବିକା ଓ ଲେଖିକା ଚନ୍ଦ୍ରା ମିଶ୍ର ନିଜର ପ୍ରଥମ ରୋଜଗାର ବିଷୟରେ କହନ୍ତି : –**

ପୁରୀ ପଥୁରିଆ ସାହିରେ ମୋର ଜନ୍ମ । ଆମ ଘରେ ମୁଁ ୯ ଭାଇ ଭଉଣୀ ଭିତରେ ସବୁଠାରୁ ସାନ। ମୋତେ ବର୍ଷେ ହେବା ପୂର୍ବରୁ ମୋ ବୋଉଙ୍କର ମୃତ୍ୟୁ ହେଇଯାଇଥିଲା। ବୋଉ ନ ଥିବା ଯୋଗୁ ବାପା ତାଙ୍କର ସବୁ ଝିଅଙ୍କୁ ଚଉଦରୁ ଷୋହଳ ବର୍ଷ ଭିତରେ ବାହା କରିଦେଇଥିଲେ। ପିଲାଦିନରୁ ମୁଁ ଖୁବ୍ ଭଲ ପଢୁଥିଲି। ଆମ ସାହିର କେତେଜଣ ଝିଅଙ୍କୁ ପାଠପଢି ଚାକିରି କରୁଥିବାର ଦେଖି ମୁଁ ବି ପାଠ ପଢ଼ି ନିଜେ ରୋଜଗାର କରିବାର ସ୍ୱପ୍ନ ଦେଖୁଥିଲି ।

ଯେତେବେଳେ ମତେ ଅଠର ବର୍ଷ ବାପା ମୋ ବାହାଘର କରିଦେଲେ । ପରେ ପରେ ମୁଁ ଦୁଇଟି ସନ୍ତାନର ମା' ମଧ ହୋଇଗଲି । ସ୍ୱାମୀ ସୁଧାଂଶୁଙ୍କ ସହ ମୁଁ ମୁମ୍ବାଇରେ ରହୁଥାଏ । ପଢ଼ିବାର ଇଚ୍ଛା ଆଉ ଚାକିରି କରି ନିଜେ ରୋଜଗାର କରିବାର ଇଚ୍ଛା ମନରେ ଥାଏ । ଖବରକାଗଜରେ ଦେଖିଲି ମୁମ୍ବାଇରେ ସକାଳ କଲେଜ ଖୋଲିଲା ବୟସ୍କ ଆଉ କାମ କରୁଥିବା ଲୋକଙ୍କ ପାଇଁ। ମୁଁ ସେଠାରୁ ବି.ଏ. ପାସ୍ କଲି । ଅର୍ଥଶାସ୍ତ୍ର ଆଉ ଗଣିତ ମୋର ବିଷୟ ଥିଲା । ଭାବୁଥିଲି ବ୍ୟାଙ୍କ ପରୀକ୍ଷା ଦେଇ ପାସ୍ କଲେ ଚାକିରିଟିଏ ପାଇଁ ଚେଷ୍ଟା କରିବି। କିନ୍ତୁ ଏଇ ସମୟରେ ସ୍ୱାମୀଙ୍କୁ ଚାକିରି ନେଇ ଆମେରିକା ଆସିବାକୁ ହେଲା ।

ଆମେରିକାରେ ଆସି ମୁଁ ନର୍ସିଙ୍ଗ ପଢ଼ିଲି, କାରଣ ମୋର ସ୍ୱାସ୍ଥ୍ୟ ବିଭାଗରେ ପଢ଼ିବାକୁ ମନ ଥିଲା । ବିଦେଶରେ ନର୍ସିଙ୍ଗ ପଢ଼ା ସହଜ ନ ଥିଲା । ଅନେକ କଷ୍ଟ କରି ମୁଁ ଚାରି ବର୍ଷିଆ ନର୍ସିଙ୍ଗ ଡିଗ୍ରୀ ପାଇଲି ଆଉ କାମ ପାଇଁ ସବୁ ହସପିଟାଲ୍‌ରେ ଦରଖାସ୍ତ ପକେଇଲି। ମୋ ଝିଅ ସୀମାର ସେତେବେଳେ କଲେଜ ଆଡମିସନ୍‌ର ସମୟ । ତା'ର ମନ ଥାଏ ଆମେରିକାର ପ୍ରତିଷ୍ଠିତ ମହାବିଦ୍ୟାଳୟ 'ଆଇଭିଲିଗ୍ ପ୍ରିନ୍ସଟନ୍'ରେ ପଢିବା ପାଇଁ। ଆମେ ତାକୁ ଉତ୍ସାହିତ କରୁଥିଲୁ। କିନ୍ତୁ ସେଥିପାଇଁ ୩୭,୦୦୦ ଡଲାର ବର୍ଷକୁ ଦେବା ସହଜ ନ ଥିଲା ଆମପରି ମଧ୍ୟବିତ୍ତ ପରିବାର ପାଇଁ। ତା' ଛଡ଼ା ସୀମାକୁ ଅନ୍ୟ ସରକାରୀ ମହାବିଦ୍ୟାଳୟରୁ ପୂରା ଛାତ୍ରବୃତ୍ତି ସହ ପଢ଼ିବାକୁ ପ୍ରସ୍ତାବ ମିଳିଥିଲା। ଆମେ ଭାବିଲୁ ଆଗ ଚୟନ ହେଉ ପ୍ରିନ୍ସଟନ୍‌ରେ। କାରଣ ଏଠାରେ କେବଳ ଅତି ମେଧାବୀ ପିଲାମାନଙ୍କୁ ଚୟନ କରାଯାଏ ।

ଇତିମଧ୍ୟରେ ମୋର ଚାକିରି ଏଠିକାର ବିଶିଷ୍ଟ ଡାକ୍ତରଖାନା ଆଲବର୍ଟ ଆଇନଷ୍ଟାଇନ୍‌ରେ ହୋଇଗଲା। ପ୍ରଥମ ତିନି ମାସ ତାଲିମ ପାଇ ନର୍ସ ଭାବେ ଅଧା ଦରମାରେ କାମ କରିବାକୁ ଚୁକ୍ତି ଥିଲା। ଦରମା ୩୭,୦୦୦ ଡଲାର୍ ବୋଲି ଲେଖା ହୋଇ ନିଯୁକ୍ତି ପତ୍ର ଆସିଲା । ମୋ ଖୁସି କହିଲେ ନ ସରେ। ଭାବିଲି ଆଗ ଗୋଟେ ଭଲ ଷ୍ଟିଲ୍ ବାସନର ସେଟ୍ କିଣିବି। ଭଲ ଜ୍ୟାକେଟ୍ ସମସ୍ତଙ୍କ ପାଇଁ କିଣିବି। ଆମେ ଘରେ ମୁମ୍ବାଇରୁ ଆଣିଥିବା ସେଇ ପୁରୁଣା ବାସନରେ କାମ ଚଳାଉଥିଲୁ। ମୋର କଲେଜ ପରେ ଆମର ବହୁତ ଅନ୍ୟ ଖର୍ଚ୍ଚ ହେଉଥିଲା । ସୁଧାଂଶୁ ଏକମାତ୍ର ରୋଜଗାର କରୁଥିଲେ । ଏଠି କଲେଜ ପାଠରେ ଖର୍ଚ୍ଚ ବହୁତ। ମୁଁ ନିଜେ କଲେଜରେ ଇଚ୍ଛା ମୁତାବକ ପଢ଼ିପାରି ନ ଥିଲି। ତେଣୁ ମୋ ମନରେ ଥିଲା ମୋ ଝିଅ ଯୋଉ କଲେଜରେ ପଢିବାକୁ ଚାହିଁବ ଆଉ ପ୍ରବେଶ ଗ୍ରହଣ ପାଇବ ସିଏ ସେଇଠାରେ ପଢ଼ିବ । ଖୁସିର କଥା ଆମ ଝିଅ ପାଇଁ ପ୍ରିନ୍ସଟନ୍ ମହାବିଦ୍ୟାଳୟରୁ ପ୍ରବେଶ ଗ୍ରହଣର ସ୍ୱୀକୃତି ଆସିଗଲା। ସୁଧାଂଶୁ , ସୀମା ବସି କଥା ହେଉଥିଲେ କ'ଣ କରାଯିବ। ପାଠ ତ ଯେଉଁଠି ପଢିଲେ ଡିଗ୍ରୀ ଆସିବ ବୋଲି ସୁଧାଂଶୁ ସୀମାକୁ ବୁଝାଉଥିଲେ । ମୁଁ ସେପଟରୁ ଏ କଥା ଶୁଣି ଜୋରରେ ସୀମାକୁ କହିଲି, ତୋ ମା'ର ଚାକିରିରେ ପୂରା ଦରମା ମିଳିଯିବ କିଛି ମାସ ପରେ। ଯଦି ପ୍ରିନ୍ସଟନ୍‌ରେ ପଢିବାକୁ ତୋର ଇଚ୍ଛା ତୁ ସେଇ ମହାବିଦ୍ୟାଳୟରେ ପଢ଼ିବୁ। ସୁଧାଂଶୁ ମୋ ମୁହଁକୁ ଚାହିଁ କହିଲେ ସରକାରୀ ମହାବିଦ୍ୟାଳୟରେ ସୀମା ମାଗଣାରେ ପଢି ପାରିବ। ଭାବ ତ ? ତୁମେ ସେଇ ଅର୍ଥରେ ଘର ପାଇଁ, ନିଜ ପାଇଁ କେତେ ଜିନିଷ କିଣିପାରିବ, ଯାହା ଆମେ କରିପାରିନେ ଏଯାଏ। ମୁଁ କହିଲି, ସୁଧାଂଶୁ ,ଭାବ ! ଆମ ପାଖରେ ଅର୍ଥ ଥିଲେବି ସୀମାର ମେରିଟ୍ ନ ଥିଲେ ସିଏ ଏଭଳି ମର୍ଯ୍ୟାଦାସମ୍ପନ୍ନ ମହାବିଦ୍ୟାଳୟରେ ନିଯୁକ୍ତି ପାଇ ନ ଥାଆନ୍ତା । ତେଣୁ ପିଲାର ମନ ଭାଙ୍ଗିବା ଠିକ୍ ନୁହେଁ। ରାତିରେ ମୁଁ ସୀମାକୁ ପଚାରିଲି ମା', ତୋର ଇଚ୍ଛା କୋଉ କଲେଜରେ ପଢ଼ିବାକୁ? ମୁହଁଟି ଶୁଖେଇ ସୀମା କହିଲା ମତେ ପ୍ରିନ୍ସଟନ୍‌ରେ ପଢିବାକୁ ବହୁତ ଇଚ୍ଛା। ବାସ୍ ସେଇଠି ମୁଁ ରହିଗଲି ଚୁପ୍ ଆଉ ନିଶ୍ଚିତ କଲି ମୋ ଝିଅ ପ୍ରିନ୍ସଟନ୍‌ରେ ପଢିବ । ମନେ ମନେ ଭାବିଲି ବୋଧେ ଜଗନ୍ନାଥେ ଏଇଥିପାଇଁ ମୋର ପ୍ରଥମ ଚାକିରି ଦେଲେ। ମୋର ପହିଲି ରୋଜଗାରକୁ ଝିଅର ପଢା ଫି' ପାଇଁ ଚେକ୍‌ରେ ଦିଆ ହୋଇଥିଲା। ସେତେବେଳେ ଝିଅର ସେ ହସ ମୁଁ କେବେ ଭୁଲିନି। ମୋ ବୋଉ ନଥିବାରୁ ମୁଁ କଲେଜରେ ପଢି ପାରି ନଥିଲି। କିନ୍ତୁ ମୋ ଝିଅ ସୀମା ତା'ର ବୁଦ୍ଧି, ପରିଶ୍ରମ ଯୋଗୁ ପ୍ରିନ୍ସଟନ୍ ମହାବିଦ୍ୟାଳୟରେ ଦାଖଲ ହେଲା, ଆଉ ମୋ ପ୍ରଥମ ରୋଜଗାରର ଡଲାର ତା'ର କଲେଜ ପାଉଣା ଦେବାରେ ଖର୍ଚ୍ଚ ହେଲା। ମୋ ପହିଲି ରୋଜଗାର ଏଭଳି କାମରେ ଲାଗିବା ଯୋଗୁ ମୁଁ ପ୍ରଭୁଙ୍କ ପାଖରେ କୃତଜ୍ଞ ସବୁବେଳେ।

# ସୁନାହରିଣୀର ଲାଜୁଆ ହସ, ସେଥିରୁ ଝରୁଛି ପ୍ରେମର ରସ

ସାଥୀ



**ପ୍ରଶ୍ନ–**ମୋ ପ୍ରିୟା ବେଳେବେଳେ ଅଭିମାନ କରୁଛି। ହେଲେ ସେ ହସିଦେଲେ ମୋତେ ଲାଗୁଛି ଯେମିତି ମୁଁ ଏକ ନୂଆ ଦୁନିଆରେ ରହିଛି। ସେ ହସରେ ଏମିତି କ'ଣ ଅଛି କହିବେ କି ସାଥୀ ?

–ବିଜୟ ରାଉତ, ବଲାଙ୍ଗୀର

**ଉତ୍ତର :** ଅଭିମାନ ହେଉଛି ପ୍ରେମର ଅନ୍ୟତମ ଗହଣା। ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। କାରଣ ଅନେକ ସମୟରେ ସେହି ଅଭିମାନରେ ମନର ଅନେକ କଥା ଲୁଚି ରହିଥାଏ। 'ସୁନାହରିଣୀର ଲାଜୁଆ ହସ, ସେଥିରୁ ଝରୁଛି ପ୍ରେମର ରସ'। ତା' ମନର ଭିତିରି କଥାକୁ ଥଣ୍ଡା ମିଜାସରେ ପୁଣି ଭଲ ଭାବରେ ଅନୁଧ୍ୟାନ କରନ୍ତୁ। ଦେଖିବେ ସେହି ଲାଜୁଆ ହସରେ ପ୍ରେମର ଅନେକ କଥା ଲୁଚି ରହିଛି।

**ପ୍ରଶ୍ନ–**ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ଏବେ ଆଉ ଜଣେ ସୁନ୍ଦରୀ ମୋତେ ତା' ପ୍ରେମ ଜାଲରେ ବାନ୍ଧିବାକୁ ଚେଷ୍ଟା କରୁଛି। କଣ କରିବି ?

–ଅମନ ଦାସ, କଟକ

**ଉତ୍ତର :** ଯାହାକୁ ଭଲ ପାଉଥିଲେ ତାହାକୁ ତ ଜୀବନ ସାଥୀ ଭାବରେ ଗ୍ରହଣ କରିସାରିଲେଣି। ଏବେ ପୁଣି ଆଉ ଜଣେ ସୁନ୍ଦରୀ ମାୟାରେ ପଡିଯାଇଛନ୍ତି। ଏହାର ଅର୍ଥ ଜାଣତରେ ହେଉ ଅବା ଅଜାଣତରେ ଆପଣ ନିଜ ଗୋଡରେ କୁରାଢ଼ି ମାରୁଛନ୍ତି। ପୁଣି ଥରେ କାହା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ। ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ।

**ପ୍ରଶ୍ନ–**ସେହି ସୁନ୍ଦରୀର ଲାଜରେ ପ୍ରେମର ଇସାରା ପାଇବା ପରେ ଆଗେଇଥିଲି। ହେଲେ ଏବେ ଜାଣୁଛି ସେ ମୋ ସହ ମିଛ ନାଟକ କରୁଥିଲା। ବର୍ତ୍ତମାନ ମୁଁ କ'ଣ କରିବି ?

–ତାପସ କୁମାର, ରାଉରକେଲା

**ଉତ୍ତର :** ଯେତେବେଳେ ସେହି ସୁନ୍ଦରୀର ପ୍ରେମ ଇସାରାରେ ଆପଣ ବନ୍ଦୀ ହୋଇଗଲେ ସେତେବେଳେ ସେହି ଝିଅର ମନର କଥାକୁ ଭଲ ଭାବରେ ପଢ଼ିନାହାନ୍ତି। କାରଣ ସବୁ ହସ ପଛରେ ପ୍ରେମ ଲୁଚି ରହି ନ ଥାଏ। କେତେକ ହସରେ ଏପରି ଭାଇରସ୍ ଥାଏ ଯେ ତାହାର ଦଂଶନ ସାରା ଜୀବନ ଅନୁଭୂତ ହୋଇଥାଏ। ଏବେ ଯଦି ସେ ପ୍ରେମିକାର ଅସଲ ରୂପ ଜାଣିସାରିଲେଣି, ତେବେ ସେଭଳି ପ୍ରେମିକା ଆଉ ପ୍ରେମକୁ ଯେତେ ଶୀଘ୍ର ଗୁଡବାୟ କରିବେ ତାହା ଆପଣଙ୍କ ପାଇଁ ଭଲ ହେବ।

**ପ୍ରଶ୍ନ–**ଯାହାକୁ ମୁଁ ବହୁତ ଭଲ ପାଉଥିଲି ସେ ମୋତେ ଧୋକା ଦେଇ ଚାଲିଗଲା। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ? –ବିବେକ, ଖୋର୍ଦ୍ଧା

**ଉତ୍ତର :** ପୁରୁଣା ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ଆପଣ ନା ଆଗକୁ ଯାଇପାରିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ପୁରୁଣା ଭୁଲର ଯେମିତି ପୁନରାବୃତ୍ତି ନ ହୁଏ ସେ ନେଇ ନଜର ଦିଅନ୍ତୁ।

# ଐତିହାସିକ ଗାଁ ଥୁଆବାରୀ





ଭାରତ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ତୀର୍ଥକ୍ଷେତ୍ର ଥୁଆବାରୀ ଗାଁ। ଦିନେ ଏହି ଗାଁର ସମସ୍ତ ପରିବାରରେ ଥିଲେ ସ୍ୱାଧୀନତା ସଂଗ୍ରାମୀ। ନୟାଗଡ଼ ଜିଲାର ଆଦିବାସୀ ବହୁଳ ନୂଆଗାଁ ବ୍ଲକ ଅନ୍ତର୍ଗତ ଥୁଆବାରୀଗାଁ। ଜିଲା ସଦର ମହକୁମାଠାରୁ ଏହି ଗାଁଟି ପ୍ରାୟ୧୫ କମି ଦୂରରେ। ଗ୍ରାମର ୩ ପାର୍ଶ୍ୱରେ ପାହାଡ଼ ଥିବାବେଳେ ଡାହୁକା ନଦୀର ଦୁଇ ପାର୍ଶ୍ୱରେ ଚାଷଜମି ରହିଛି । ଦିନ ଥିଲା ଥୁଆବାରି ଗାଁ ମାଟିର ନାଁ ଶୁଣିଲେ ରାଜ୍ୟବାସୀଙ୍କ ମନରେ ଅଭୂତପୂର୍ବ ଦେଶପ୍ରେମର ଶିହରଣ ସୃଷ୍ଟି ହେଉଥିଲା। କିନ୍ତୁ ଆଜିର ଏହି ଗାଁକୁ ଯେଉଁଭଳି ମାନ୍ୟତା ମିଳିବା କଥା ସେଭଳି ମିଳିପାରିନାହିଁ। ପ୍ରଶାସନିକ ଅବ୍ୟବସ୍ଥା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଗାଁର ବିକାଶ ଶୀତଳଭଣ୍ଡାରରେ ପଡି ରହିଛି । ଦିନଥିଲା ଯେବେ ଏହି ଗ୍ରାମର ପ୍ରାୟ ୬୦ ପରିବାର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ୧୯୪୩ ମସିହାରେ ଜେଲ ପରିସରରେ ନାନା ନିର୍ଯାତନା ପାଇ ୮୦ ବର୍ଷୀୟ କଣ୍ଠୁରୀ ପରିଡା, ୪୦ ବର୍ଷୀୟ ପୁଅ ବୁଦ୍ଧି, ୬୦ ବର୍ଷୀୟ ଦୟା ବେହେରା ପ୍ରମୁଖ ଶହୀଦ ହୋଇଥିଲେ। ଜେଲରେ ଥିବାବେଳେ ଲିଙ୍ଗା ନାୟକ ଚକ୍ଷୁହୀନ ଓ ହରି ସାହୁ ପାଗଳ ହୋଇଯାଇଥିଲେ। ପରେ ଏମାନେ କୁଆଡ଼େ ଗଲେ ଏଯାବତ ଖୋଜ ଖବର ନାହିଁ । ପୁଣି ଖଡି ସାହୁଙ୍କୁ ରାଜତନ୍ତ୍ର କି ଦଣ୍ଡ ଦେଇଥିଲା ଏଯାବତ ତାହା ରହସ୍ୟ ଘେରରେ ରହିଛି । କିନ୍ତୁ ଖଡି ସାହୁ ନିଖୋଜ ଅଛନ୍ତି । ଗ୍ରାମର ଆନନ୍ଦ ସ୍ୱାଇଁ, ସୁଦର୍ଶନ ସ୍ୱାଇଁ, ଅରକ୍ଷିତ ସାହୁ, ଦନେଇ ସାହୁ, ବୁଲା ସେଠୀ ପ୍ରମୁଖ ୩୫ଜଣ ଜେଲ ଦଣ୍ଡ ଭୋଗିଥିଲେ । ୭ଜଣ ଆତ୍ମଗୋପନ କରିଥିବାବେଳେ ୨୩ ଜଣ ବେତସଜା ପାଇଥିବାବେଳେ ଜରିମାନା ବି ଦେଇଥିଲେ। ୧୯ ଜଣ କେବଳ ଜରିମାନା ଓ ୩୫ ଜଣ ଅଣବନ୍ଦୀ ରୂପେ କାଳାତିପାତ କରିଥିଲେ । ଜେଲରେ ଥିବା ବେଳେ ବେତ୍ରାଘାତ, ତତଲା ଲୁହାରେ ଚେଙ୍କ ଓ ମାଡ଼ଗାଳି ଖାଇ ଭାଗ୍ୟକୁ ଆଦରି ପଡି ରହିଥିଲେ । ଥୁଆବାରୀ ଗାଁର ସଂଗ୍ରମୀଙ୍କ ଗୋଟିଚାଳନା ତତ୍କାଳୀନ ରାଜା ଓ ଇଂରେଜମାନଙ୍କର ନିଦ ହଜେଇ ଦେଇଥିଲା। ୧୯୪୨ରୁ ୬ମାସ କାଳ ଗାଁକୁ ସିପାହି ଜଗି ରହିଥିଲେ । ଗାଁ ପୂରା ପୁରୁଷ ଶୂନ୍ୟ ହୋଇପଡିଥିଲା । ଗାଁରେ ଚାଲିଥିଲା ଲୁଟତରାଜ ଓ ଅତ୍ୟାଚାର । ଗାଁର ମହିଳା ଓ ପିଲାମାନେ ଘର ବାହାରକୁ ବାହାରି ପାରୁ ନ ଥିଲେ। ବାରିପଟେ କିଛି ଲୋକ ଏକ ପ୍ରକାର ଜଙ୍ଗଲଜାତ ଖାଦ୍ୟ ସୋଡୁଅକୁ ସଂଗ୍ରହ କରି ଖାଦ୍ୟ ରୂପେ କଦଳୀପତ୍ରରେ ଖାଉଥିଲେ । ଖାଦ୍ୟ ଅଭାବରେ ୭ ଜଣ ପ୍ରାଣ ହରାଇଥିଲେ। ଗାଁ ଲୋକଙ୍କର ରୋଜଗାର ନ ଥିବାରୁ ଖଜଣା ଦେଇ ପାରି ନ ଥିଲେ । ଖଜଣା ନ ଦେବା ଯୋଗୁ ଅଧିକାଂଶଙ୍କର ଜମି ନିଲାମ ହୋଇଯାଇଥିଲା। ଅପରପକ୍ଷରେ ୧୯୪୨ରେ ନୂଆଗାଁ ଥାନା ଘେରାଉ ହେବା ବେଳେ ଦଳର ସଭାପତିଙ୍କୁ ରକ୍ଷା କରିବାକୁ ଯାଇ କୁଶବିଡାର ଆଦିବାସୀ କଷ୍ଟି ଡାକୁଆ ଶହୀଦ ହୋଇଥିଲେ । କଷ୍ଟି ଡାକୁଆଙ୍କ ଶହୀଦ ପରେ କୁଶବିଡା ପୁଣି ଚର୍ଚ୍ଚାରେ ରହିଲା। ଅନ୍ୟପକ୍ଷେ ସ୍ୱାଧୀନତା ପରେ ଗାଁ ଲୋକ ସୁସ୍ଥ ଜୀବନଯାପନ କରିବାକୁ ଆରମ୍ଭ କରିଥିଲେ । ହେଲେ ଗାଁର ସଂଗ୍ରାମୀଙ୍କ ବଳିଦାନ ସମ୍ପର୍କରେ କେହି ଜାଣି ପାରି ନ ଥିଲେ। ୧୯୫୫ରେ ଗୁମାନଇର ବନ୍ୟା ପୁଣି ଗାଁର ରୂପରେଖକୁ ବଦଳାଇ ଦେଲା । ଗାଁଟି ଜଳମଗ୍ନ ହେବାସହ ୩ଜଣ ପ୍ରାଣ ହରାଇଥିଲେ । ଗାଁର ଘରଦ୍ୱାର ସବୁ ମାଟିରେ ମିଶି ନଦୀ ଗର୍ଭକୁ ଚାଲିଗଲା । ଗ୍ରାମବାସୀ ନିକଟସ୍ଥ ଡୁବୁରୀ ମୁଣ୍ଡିଆ ପାଦ ଦେଶରେ ବସତି ସ୍ଥାପନ କରିଥିଲେ । ବନ୍ୟା ପରେ ମୂଳ ଗ୍ରାମଟି ଚାଷଜମିରେ ପରିଣତ ହୋଇଥିଲା। ଗ୍ରାମବାସୀ ନିଜସ୍ୱ ଖର୍ଚ୍ଚରେ ସ୍ମୃତି ସ୍ତମ୍ଭଟିଏ ଗତ ୧୭ବର୍ଷ ତଳେ ନିର୍ମାଣ କରିଥିଲେ, ଯାହା ପ୍ରାୟ ନଷ୍ଟ ହୋଇଯାଇଥିଲା । କିନ୍ତୁ ଗାଁ ଲୋକ ଏହାକୁ ପୁଣି ମରାମତି କରିଛନ୍ତି । ସ୍ମୃତି ରୋମନ୍ଥନ କରି ବୀରମାଟି ଥୁଆବାରୀରେ ପ୍ରତିବର୍ଷ ଅକ୍ଟୋବର ୧୦ରେ ପ୍ରଜାମଣ୍ଡଳ ଶହୀଦ ଦିବସ ପାଳନ କରୁଛନ୍ତି । ଥୁଆବାରୀ ଗାଁର ଗୋପୀ ନାୟକ କୁହନ୍ତି, ଏହି ଗାଁର ସମସ୍ୟା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଅନେକ ବୁଝିନାହାନ୍ତି କି ଚିହ୍ନୁନାହାନ୍ତି । ଗାଁର ସ୍ୱାଧୀନତା ସଂଗ୍ରାମୀଙ୍କୁ ଉଚିତ ସମ୍ମାନ ଦେବା ପାଇଁ ପ୍ରଶାସନ ତରଫରୁ କିଛି ବ୍ୟବସ୍ଥା ନାହିଁ । କେବଳ ଆଦର୍ଶ ଗାଁ ନାମଫଳକରେ ଲେଖାଯାଇଥିଲେ ମଧ୍ୟ ଏହା ଅବହେଳିତ ହୋଇରହିଛି। ନୟାଗଡ଼ ଜିଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଧର ଦାଶଙ୍କ ଯୋଗୁ ଥୁଆବାରୀ ଗାଁରେ ଅକ୍ଟୋବର ୧୦ରେ ଶହୀଦ ଦିବସ ପାଳିତ ହେଉଛି । ଏହି ଗାଁର ସେଦିନର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବାକୁ ଆମେ ଶହୀଦ ଦିବସ ପାଳିବା ବ୍ୟତୀତ ଆଉ କିଛି କରିପାରୁ ନାହୁଁ। ଏହିଭଳି ସଂଗ୍ରାମୀ ବ୍ୟକ୍ତିତ୍ୱଙ୍କ ସମ୍ମାନାର୍ଥେ ସରକାର ଶହୀଦମାନଙ୍କର ପ୍ରତିମୂର୍ତ୍ତି ବି ସ୍ଥାପନ କରିପାରି ନାହାନ୍ତି। କିନ୍ତୁ ଅନେକ ପ୍ରତିଶ୍ରୁତି ଦେଇଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ସବୁବର୍ଷ ପରି ପୁଣି ଭୁଲି ଯାଇଛନ୍ତି। ଦେଶ ସ୍ୱାଧୀନତା ହେବାର ପ୍ରାୟ ୭୫ ବର୍ଷ ପରେ ବି ଏହି ଗାଁ ପାଇ ପାରି ନାହିଁ ଐତିହାସିକ ପୀଠର ମାନ୍ୟତା । କେବଳ ଆଦର୍ଶ ଗାଁ ନାମଫଳକରେ ନାଁ ରହିଛି ।

**-ଲୋକନାଥ ମିଶ୍ର**, ନୟାଗଡ଼









**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ଖାଇବ


ସ୍ତ୍ରୀ ରୁଟି ବେଲିବାବେଳେ ହାତରେ ବେଲଣା ବାଡି ଧରି ସ୍ୱାମୀଙ୍କୁ: ହଇହେ ଶୁଣଛ ?
ସ୍ୱାମୀ: କ'ଣ ହେଲା ?
ସ୍ତ୍ରୀ: କେତେଟା ଖାଇବ ? ଦି'ଟା ନା ତିନିଟା ?
ସ୍ୱାମୀ: କ'ଣ ଖାଇବା କଥା କହୁଛ ?
ସ୍ତ୍ରୀ: ରୁଟି, ଆଉ କ'ଣ ?
ସ୍ୱାମୀ: ମୁଁ ଭାବିଲି ବେଲଣା ବାଡି ପାହାର।

## ସଙ୍ଗ ଦୋଷ

ପପୁ ଗପୁକୁ: ପ୍ରଥମେ ମୁଁ କୌଣସି ପାଠ ବୁଝି ପାରୁ ନ ଥିଲି। ତା'ପରେ ମୁଁ ଟପର୍ ପିଲାଙ୍କ ପାଖରେ ବସିବା ଆରମ୍ଭ କଲି।
ଗପୁ: ଏବେ ସବୁ ବୁଝି ହେଉଛି ତ ?
ପପୁ: ନାଇଁ। ଏବେ ତ ସେଇ ଟପର୍ ପିଲା ବି କିଛି ବୁଝିପାରୁ ନାହାନ୍ତି।

## ଲୁଚେଇ ଦିଅ

ବଣ୍ଟି ମା' ବଣ୍ଟିର ବାପାଙ୍କୁ: ହେଇଟି ଶୁଣୁଛ, ବଣ୍ଟି ଆଜିକାଲି ଭାରି ବଦ୍ ଖର୍ଚ୍ଚ ହେଇଗଲାଣି। ଯୋଉଠି ବି ଟଙ୍କା ଲୁଚେଇ ରଖୁଛି ସେ ଖୋଜିକି ନେଇ ଯାଉଛି।
ବଣ୍ଟିର ବାପା: ଗୋଟେ କାମ କର, ଟଙ୍କାକୁ ତମେ ତା' ବହି ଭିତରେ ରଖ। ଦେଖିବ ସେ ପରୀକ୍ଷା ପର୍ଯ୍ୟନ୍ତ ଜମା ଖୋଜିକି ପାଇବନି।








# ଅସୁରକୁମାରୀ

ନୟାଗଡ଼ ଜିଲା ରଣପୁର ବ୍ଲକ ଅଧିନ ବଜ୍ରକୋଟ ଅଞ୍ଚଳର ଏକ ସଂରକ୍ଷିତ ଜଙ୍ଗଲରେ ରହିଛି ମା' ଅସୁରକୁମାରୀଙ୍କ ପବିତ୍ରପୀଠ। ଏହି ଜଙ୍ଗଲରେ ଶାଳ, ଶାଗୁଆନ, କେନ୍ଦୁ, କୋଚିଲା, ପିଆଶାଳ, ଅଶନ ଆଦି ବହୁ ଔଷଧୀୟ ବୃକ୍ଷଲତା ରହିଥିବା ବେଳେ ଏଠାକାର ପରିବେଶରେ ଉଡ଼ନ୍ତାମୂଷା, ମୟୂର, ଠେକୁଆ, ହରିଣ ଓ ନାନା ପ୍ରଜାତିର ଜଙ୍ଗଲି ପକ୍ଷୀ ଆଦି ଦେଖିବାକୁ ମିଳିଥାନ୍ତି। ଅନ୍ୟପକ୍ଷେ ଏଠାରେ ଥିବା ଗୁମ୍ଫା, ଖୋଲ, ଜଳପ୍ରପାତ ଓ ଝରଣାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବିମୁଗ୍ଧ କରିଥାଏ। ଗଛ, ତାଳପତ୍ର ଘେରା ପ୍ରସ୍ତର ଉପର ଦେଇ ପାହାଡ଼ ଚଢ଼ିବାରେ ଏଠାରେ ଥାଏ ନିଆରା ଆନନ୍ଦ। ଶୁଣାଯାଏ, ପୂର୍ବେ ଏହି ଜଙ୍ଗଲରେ କଲରାପତରିଆ ବାଘ ରହୁଥିଲେ କିନ୍ତୁ ଏବେ ଆଉ ଦେଖାଯାଉ ନାହାନ୍ତି। ହେଲେ ଏହି ଜଙ୍ଗଲରୁ ରଥଯାତ୍ରା ପାଇଁ ଧଉରା ଗଛର କାଠ ସଂଗ୍ରହ କରାଯାଉଥିବା ସୂଚନା ରହିଛି।





### ନାମକରଣକୁ ନେଇ ଲୋକକଥା

ଏହି ସ୍ଥାନଟିର ଏପରି ନାମକରଣକୁ ନେଇ ସ୍ଥାନୀୟ ଲୋକେ ଭିନ୍ନ ଭିନ୍ନ ମତ ଦେଇଥାନ୍ତି। କେହି କେହି କୁହନ୍ତି, ବହୁବର୍ଷ ପୂର୍ବେ ଏହି ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ସେତେବେଳେ ଏଠାରେ ଜଣେ ଅସୁର ରହୁଥିଲା। ସେ ଲୋକମାନଙ୍କୁ ନିପାତ କରୁଥିଲା। ତା' ଉରରେ ଲୋକେ ତ୍ରାହି ତ୍ରାହି ଡାକୁଥିଲେ। ଲୋକଙ୍କ ଆକୁଳ ପ୍ରାର୍ଥନା ଶୁଣି ଦେବୀ ଅସୁରକୁ ନିଧନ କଲେ। ପରେ ସେହି ଗୁମ୍ଫା ମଧ୍ୟରେ ଦେବୀ କେଉଁଆଡେ ଅଦୃଶ୍ୟ ହୋଇଗଲେ। ଯେଉଁ ସ୍ଥାନରେ ଦେବୀ ଅସୁରକୁ ବଧ କରିଥିଲେ ସେଠାରେ ଏକ ପଥର ଉପରେ ଦେବୀଙ୍କ ଆଣ୍ଠୁଚିହ୍ନ ଥିବାରୁ କ୍ରମେ ଦେବୀଙ୍କ ନାମ 'ଅସୁରକୁମାରୀ' ହୋଇଥିଲା ବୋଲି ଅନେକେ ମତ ଦେଇଥାନ୍ତି। ଆଉ କେହି କେହି କୁହନ୍ତି, ଉକ୍ତ ଅସୁରର ଝିଅର ନାଁ ଥିଲା ଅସୁରକୁମାରୀ। ତା'ର ଶେଷ ଇଚ୍ଛା ଥିଲା, ମୃତ୍ୟୁ ପରେ ସେହି ସ୍ଥାନଟି ତା' ଝିଅ ନାଁରେ ପରିଚିତ ହେଉ। ହୁଏତ ସେଥିପାଇଁ ଏହି ସ୍ଥାନଟିର ନାମ ଅସୁରକୁମାରୀ ହୋଇଛି।

### ସ୍ଥାନଟିର ପ୍ରାକୃତିକ ଦୃଶ୍ୟ

ଏହି ସ୍ଥାନରେ ଥିବା ଦୁଇଟି ବଡ଼ ପଥରର ମଧ୍ୟ ସ୍ଥଳରେ ଏକ ଝରଣା ପ୍ରବାହିତ ହେଉଛି। ତା'ରି ଭିତରେ ଦେବୀଙ୍କର ଏକ ମୂର୍ତ୍ତି ଅସୁର ଉପରେ ଶୋଭା ପାଉଛି। ଜଳପ୍ରପାତର ପାଦଦେଶରେ ରହିଛି ଅସୁରକୁମାରୀ ଦେବୀଙ୍କ ମନ୍ଦିର। ନିକଟରେ ରହିଛି ଏକ ସ୍ନାନ କୁଣ୍ଡ। ଏହାକୁ 'କାମନା ଦାୟିନୀ କୁଣ୍ଡ' କୁହାଯାଏ। ଏଠାରେ ସ୍ନାନ କଲେ କୁଆଡ଼େ ପାଳିଜ୍ୱର ସମେତ ଅନ୍ୟ ସମସ୍ତ ପ୍ରକାର ଜ୍ୱରରୁ ଉପଶମ ମିଳିଥାଏ। କେବଳ ସେତିକି ନୁହେଁ, ଏହି କୁଣ୍ଡର ଜଳ ବନ୍ଧ୍ୟାଦୋଷ ଦୂର କରିବାରେ ମଧ୍ୟ ସହାୟକ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ସେଥିପାଇଁ ପ୍ରତି ମଙ୍ଗଳବାର ଓ ଶନିବାର ଦିନ ଏହି କୁଣ୍ଡରେ ଗାଧୋଇବା ପାଇଁ ବଡ଼ି ଭୋରରୁ ବହୁ ସଂଖ୍ୟାରେ ମାନସିକଧାରୀ ଶ୍ରଦ୍ଧାଳୁମାନଙ୍କର ସମାଗମ ହୋଇଥାଏ। ତା'ଛଡ଼ା ଏହି କାମନା ଦାୟିନୀ କୁଣ୍ଡରୁ ଜଳ ନିର୍ଗତ ହୋଇ ପ୍ରବେଶ ପଥର ଦୁଇପାର୍ଶ୍ୱରେ ଥିବା ପୁଷ୍କରିଣୀରେ ମିଶିଥାଏ। ଏଥିସହିତ ନିକଟରେ ପ୍ରବାହିତ ହେଉଥିବା ମନ୍ଦାକିନୀ ନଦୀର ଜଳ ସ୍ଥାନୀୟ ଅଞ୍ଚଳର ଶସ୍ୟକ୍ଷେତ୍ରରେ ଜଳସେଚିତ ହୋଇଥାଏ।


### ମା'ଙ୍କ ମହିମା

ଏଠାରେ ପୂଜା ପାଉଥିବା ଦେବୀ ଅସୁରକୁମାରୀ କୁଆଡ଼େ ଖୁବ୍ ପ୍ରତ୍ୟକ୍ଷ। ତାଙ୍କ ନିକଟରେ ମାନସିକ ରଖିଲେ ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି। ତେଣୁ ମାନସିକଧାରୀମାନେ ଗୁଆ, ଅରୁଆ ଚାଉଳ, ସିନ୍ଦୂର, ଧୂପକାଠି ଧରି ମା'ଙ୍କ ପାଖରେ ନିଷ୍ଠାର ସହ ପୂଜାର୍ଚ୍ଚନା କରିଥାନ୍ତି। ପ୍ରତ୍ୟେକ ବର୍ଷ ମାଘମାସରେ ମା'ଙ୍କ ପୀଠରେ ଯଜ୍ଞୋତ୍ସବ ଓ ସ୍ୱତନ୍ତ୍ର ପର୍ବ ପାଳନ କରାଯାଇଥାଏ। ଏହି ସମୟରେ ସ୍ଥାନୀୟ ବଜ୍ରକୋଟ ସମେତ ରଣପୁର ଗଡ଼ଜାତର ପଞ୍ଚୁପଲ୍ଲୀ ପ୍ରଗଣା ଅନ୍ତର୍ଗତ ସାନପଡ଼ା, ବାଉଁଶଗଡ଼, ଶ୍ରୀକୃଷ୍ଣପୁର, ଗୌଡ଼ିଆପଡ଼ା, ବିଲଗାଡ଼ିଆ, ଭେରୁପଡ଼ା, କ୍ଷତ୍ରିବରପୁର, ଶଙ୍ଖମୂଳ, ବରମୂଳ ଓ ଗୌରାଙ୍ଗପୁର ଆଦି ଗ୍ରାମବାସୀ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟକ୍ରମର ଆୟୋଜନ କରିଥାନ୍ତି।

### କେବେ ଯିବେ

ବର୍ଷର ସବୁସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ, ମୁଖ୍ୟତଃ ରବିବାର ତଥା ଛୁଟିଦିନମାନଙ୍କରେ ଏଠାରେ ଶ୍ରଦ୍ଧାଳୁମାନଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳେ। ବିଭିନ୍ନ ପର୍ବପର୍ବାଣୀ ସମୟରେ ହେଉ ଅଥବା ପିକ୍‌ନିକ୍ ଋତୁ ଆସିଲେ ଏହି ସ୍ଥାନଟି ବେଶ୍ ଚଳଚଞ୍ଚଳ ହୋଇ ଉଠେ। ତେବେ ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ମା'ଙ୍କ ଦର୍ଶନ ସାଙ୍ଗକୁ ଏଠାକାର ପ୍ରାକୃତିକ ଜଙ୍ଗଲ ପରିବେଶ ଓ ଜଳପ୍ରପାତର ଅପୂର୍ବ ଶୋଭାକୁ ବେଶ୍ ଉପଭୋଗ କରିଥାନ୍ତି। ଏଠାରେ ବଣଭୋଜିର ମଜା ମଧ୍ୟ ନେଇଥାନ୍ତି। ସେଥିପାଇଁ ଏହି ସ୍ଥାନଟିର ଲୋକପ୍ରିୟତା ଦିନକୁ ଦିନ ବଢିବାରେ ଲାଗିଛି। ତେବେ ସରକାରଙ୍କ ସହଯୋଗରେ ଯଦି ଏହି ପବିତ୍ର ସ୍ଥାନରେ ଯାତ୍ରୀନିବାସ ସହିତ ଆଉ କିଛିଟା ବିକାଶମୂଳକ କାର୍ଯ୍ୟ ହୋଇପାରନ୍ତା ତା'ହେଲେ ଉକ୍ତ ପର୍ଯ୍ୟଟନସ୍ଥଳୀଟିର ଖ୍ୟାତି ଅନେକାଂଶରେ ବଢି ପାରନ୍ତା।

*–ସତ୍ୟବାଦୀ ବଳିଆରସିଂହ*





# କଥା ମାଇକ୍ରୋୱେଭ୍‌ର







୧୯୪୬ ମସିହାରେ ପର୍ସି ସ୍ପେନ୍ସର ନାମକ ଆମେରିକୀୟ ବୈଜ୍ଞାନିକ ନିଜ ରାଡାର ସେଟ୍‌ରେ କାମ କରୁଥାନ୍ତି। ଆଉ ତାଙ୍କୁ ଭୋକ ଲାଗିଲା। ତାଙ୍କର ମନେ ପଡିଲା ପକେଟ୍‌ରେ ଏକ ଚକୋଲେଟ୍ ବାର୍ ଥିଲା। ଚକୋଲେଟ୍‌କୁ ଆଣିବା ଲାଗି ପକେଟ୍‌ରେ ହାତ ପୂରାଇ ଦେଖିଲେ ତାହା ପୂରା ତରଳି ଯାଇଥିଲା। ସେ ଆଶ୍ଚର୍ଯ୍ୟ ହୋଇଗଲେ। ଆଶ୍ଚର୍ଯ୍ୟର କାରଣ ଏଇୟା ଥିଲା ଯେ, ସେ ଥିବା କୋଠରି ଗରମ ନ ଥିଲା। ତେବେ ତାହା ତରଳିଲା କେମିତି। ସ୍ପେନ୍ସର ବ୍ରିଟିଶ ସେନାର ରାଡାର ସେଟ୍‌ରେ କାମ କରୁଥିଲେ। ଆଉ ପାଖରେ ଥିଲା ମାଗ୍ନେଟ୍ରୋନ, ଯାହାର ପାୱାର ରାଡାରକୁ ଚଲାଉଥିଲା। ସ୍ପେନ୍ସରଙ୍କ ସନ୍ଦେହ ହେଲା ମାଗ୍ନେଟ୍ରୋନର ଶକ୍ତିଶାଳୀ ସୂକ୍ଷ୍ମ କଣିକା ଲାଗି ଚକୋଲେଟ ତରଳିଲା। ତେବେ ତାହା ସତ ନା ମିଛ ଜାଣିବା ଲାଗି ସେ ମକା ଦାନାକୁ ମାଗ୍ନେଟ୍ରୋନ୍ ପାଖରେ ରଖିଲେ। ଅଳ୍ପ ସମୟ ଭିତରେ ମକାଦାନା ଫୁଟି ପପକର୍ନ ହୋଇଗଲା। ତା'ପରଦିନ ସେ ଏକ ଚା' କେଟଲୀରେ ପାଣି ଭର୍ତ୍ତି କରି ସେଇ ସୂକ୍ଷ୍ମ କଣିକା ବା ମାଇକ୍ରୋୱେଭରେ ଗରମ କଲେ। ଏହାପରେ କେଟଲୀରେ କିଛି ଅଣ୍ଡା ବି ରଖିଲେ। ଅଣ୍ଡା ଗରମ ହେଇ ସିଝିବା ସହ ଏକ ଅଣ୍ଡା ଫାଟି ଖୁବ୍ ଜୋର ଶବ୍ଦ ବି ହେଲା। ଏମିତି କି ତା'ର କିଛି ଅଂଶ ଛିଟ୍‌କି ପାଖରେ ଠିଆ ହେଇଥିବା ଜଣେ ସହଯୋଗୀଙ୍କ ମୁହଁରେ ଯାଇ ପଡିଲା। ଏହାପରେ ସ୍ପେନ୍ସରଙ୍କୁ ବିଶ୍ୱାସ ହୋଇଗଲା କି ସୂକ୍ଷ୍ମ ତରଙ୍ଗ ବା ମାଇକ୍ରୋୱେଭରେ ଖାଦ୍ୟ ବେଶ୍ ଆରାମରେ ରୋଷେଇ ହୋଇପାରିବ। ଏହାପରେ ସ୍ପେନ୍ସର ଅଧ୍ୟୟନ ଜାରି ରଖିଲେ। ଆଉ ଜାଣିବାକୁ ପାଇଲେ ଯେ, ଖାଦ୍ୟରେ ମହଜୁଦ ଜଳଅଣୁକୁ ମାଇକ୍ରୋୱେଭ ତୀବ୍ର ଗତିରେ ହଲାଇଥାଏ। ଏହି ହଲିବା ଦ୍ୱାରା ଉତ୍ତାପ ଶକ୍ତି ଉତ୍ପନ୍ନ ହୁଏ। ଏହି ଉତ୍ତାପ ସମ୍ପୂର୍ଣ୍ଣ ଖାଦ୍ୟକୁ ବ୍ୟାପି ଥାଏ। ତେବେ କଞ୍ଚା ଅଣ୍ଡା ଫାଟିଯାଏ କାରଣ ତା' ମଧ୍ୟସ୍ଥ ପାଣି ବାଷ୍ପ ହୋଇ ଚାପ ପକାଏ। ହେଲେ ଶୁଖିଲା ଜିନିଷ ଉପରେ ମାଇକ୍ରୋୱେଭର କୌଣସି ପ୍ରଭାବ ପଡ଼ି ନ ଥାଏ। ପରେ ସେ ଧାତୁର ବାକ୍ସ ସହ ହାଇ ଡେନ୍‌ସିଟି ଇଲେକ୍ଟ୍ରୋମାଗନେଟିକ୍ ଫିଲ୍ଡ ଜେନେରେଟର୍ ଯୋଡି ପ୍ରଥମ ମାଇକ୍ରୋୱେଭ ଓଭନ ତିଆରି କରିଥିଲେ। ଅକ୍ଟୋବର ୮, ୧୯୪୫ରେ ଏହି ମାଇକ୍ରୋୱେଭ୍‌କୁ ସେ ପେଟେଣ୍ଟ କରିଥିଲେ। ୧୯୪୭ରେ ତିଆରି ପ୍ରଥମ ମାଇକ୍ରୋୱେଭ ଓଭନ ୬ ଫୁଟ ଉଚ୍ଚତା ଥିଲା ଓ ଓଜନ ୩୪୦ କିଲୋଗ୍ରାମ ଥିଲା। ଏହାର ଦାମ ୩୦୦୦ ଡଲାର ଥିଲା। ଏହାର ବଡ ଆକାର ପାଇଁ ଏହାକୁ କେବଳ ହୋଟେଲ, ରେଷ୍ଟୁରାଣ୍ଟ ଓ ରେଳ କ୍ୟାଟରିଙ୍ଗ୍‌ରେ ବ୍ୟବହାର ହେଉଥିଲା। ପ୍ରଥମ ମାଇକ୍ରୋୱେଭର ଦୁଇ ଦଶକ ପରେ ଏଥିରେ ଅନେକ ସୁଧାର ଅଣାଯାଇଥିଲା। ଏହାର ମାଗ୍ନେଟ୍ରୋନର ଆକାର ଛୋଟ କରାଗଲା। ଏହାକୁ ଆହୁରି ସରଳ କରାଗଲା। ଆଉ ଓଭନ ପଛପଟେ ଲଗାଗଲା। ପାଇପ୍‌ରେ ମାଇକ୍ରୋୱେଭ(ସୂକ୍ଷ୍ମ ତରଙ୍ଗ) ଆସି ଖାଦ୍ୟ ପଦାର୍ଥ ପର୍ଯ୍ୟନ୍ତ ପହଞ୍ଚିଲା। ଫଳରେ ଏବେ ମାଇକ୍ରୋୱେଭ ଓଭନ ଟିଭି ପରି ଛୋଟ ଆକାରରେ ଉପଲବ୍ଧ ହେଲା। ଏବେ ରୋଷେଇରେ ଏହା ମହିଳାଙ୍କୁ ଅନେକ ସାହାଯ୍ୟ କରୁଛି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ବୈଜ୍ଞାନିକ ସ୍ପେନ୍ସର ସ୍କୁଲ ଶିକ୍ଷା ପୂର୍ଣ୍ଣ କରି ନ ଥିଲେ। ହେଲେ ସେ ରେଥିଓନ୍ ସଂସ୍ଥାରେ ଲଗାତାର ଗବେଷଣା କରି ୩୯ ବର୍ଷରେ ୧୨୦ଟି ପେଟେଣ୍ଟ ହାସଲ କରିଥିଲେ। ସେଥିମଧ୍ୟରେ ମାଇକ୍ରୋୱେଭ ଦ୍ୱାରା ଖାଦ୍ୟ ପ୍ରସ୍ତୁତି ମେଶିନ୍ ଥିଲା ଅନ୍ୟତମ।

# ଯିଏ ମୋଟା ସିଏ ହିରୋ



ପୃଥିବୀରେ ଅନେକ ରହସ୍ୟମୟୀ ଜନଜାତି ଅଛନ୍ତି; ଯେଉଁମାନେ କି ବାହ୍ୟ ଦୁନିଆଠାରୁ ସମ୍ପୂର୍ଣ୍ଣଭାବେ ବିଚ୍ଛିନ୍ନ ହୋଇ ଜଙ୍ଗଲରେ ରୁହନ୍ତି। ଆଉ ସେମାନଙ୍କ ପରମ୍ପରା, ଚାଲିଚଳଣି ବି ଥାଏ ସମ୍ପୂର୍ଣ୍ଣ ଭିନ୍ନ। ସେମିତି ଏକ ଜନଜାତି ହେଉଛନ୍ତି ଇଥିଓପିଆର 'ବୋଦୀ' ଜନଜାତି। ନାରୀ ହୁଅନ୍ତୁ ଅବା ପୁରୁଷ ଭଲ ଦେଖାଯିବା ପାଇଁ ସମସ୍ତେ ସାଧାରଣତଃ ପତଳା ଶରୀର ଚାହାନ୍ତି। ହେଲେ ଏହି ଜନଜାତିରେ ସବୁଠାରୁ ମୋଟା ବ୍ୟକ୍ତିଙ୍କୁ ହିରୋ ଭାବେ ଗଣନା କରାଯାଏ। ତେଣୁ ସବୁଠାରୁ ମୋଟାବ୍ୟକ୍ତିର ମାନ୍ୟତା ପାଇବା ପାଇଁ ପୁରୁଷମାନେ ଏଠି ବିଭିନ୍ନ ଉପାୟ ଆପଣାନ୍ତି। ଏମିତିକି ଏଠାରେ ଏକ ପ୍ରତିଯୋଗିତାର ବି ଆୟୋଜନ କରାଯାଏ। ଦୀର୍ଘ ୬ ମାସ ଧରି ପ୍ରତିଯୋଗୀ ଏଥିପାଇଁ ପ୍ରସ୍ତୁତ ହୁଅନ୍ତି। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପରେ ଉକ୍ତ ଜନଜାତିର ପୁରୁଷମାନେ ନାରୀଙ୍କ ସହ ସମ୍ବନ୍ଧ ରଖିପାରନ୍ତି ନାହିଁ। ଏକ କୁଡିଆରେ ଏକୁଟିଆ ରୁହନ୍ତି। ମୋଟା ହେବାଲାଗି ଗାଈ କ୍ଷୀରକୁ ଗାଈ ରକ୍ତରେ ମିଶାଇ ପିଅନ୍ତି। ଏହି ଜନଜାତିରେ ଗାଈକୁ ପବିତ୍ର ମନେକରାଯାଉଥିବାରୁ ଗାଈକୁ ହତ୍ୟା ନ କରି କେବଳ ତା'ର ଶିର କାଟି ରକ୍ତ ବାହାର କରିଥାନ୍ତି। କ୍ଷୀର ଓ ରକ୍ତ ଜମାଟ ବାନ୍ଧିବା ପୂର୍ବରୁ ତାକୁ ପିଆଯାଏ। ପ୍ରତିଯୋଗିତା ଦିନ କୁଡିଆରୁ ବାହାରିବା ପୂର୍ବରୁ ପୁରୁଷମାନେ ଶରୀରରେ ମାଟି ଓ ପାଉଁଶ ବୋଳି ହୁଅନ୍ତି। ପ୍ରସ୍ତୁତିର ୬ ମାସ ଭିତରେ କେହି କେହି ଏତେ ମୋଟା ହେଇଯାନ୍ତି ଯେ ଚାଲି ପାରନ୍ତି ନାହିଁ। ଆଉ ସବୁଠାରୁ ମୋଟା ବ୍ୟକ୍ତିଙ୍କୁ ବିଜେତାଭାବେ ବଛାଯିବା ପରେ ପବିତ୍ର ପଥରରେ ପଶୁ ବଳି ଦିଆଯାଇ ପ୍ରତିଯୋଗିତା ସମାପ୍ତ ହୁଏ। ଏହି ବିଜେତାଙ୍କୁ ହିରୋର ମାନ୍ୟତା ଓ ସମ୍ମାନ ମିଳେ। ଏହି ଜନଜାତିର ପୁରୁଷ ନଗ୍ନ ରୁହନ୍ତି ଓ ଅଣ୍ଟା ଚାରିପଟେ କପାସ ପଟି ବାନ୍ଧି ଥାନ୍ତି।





## କଥା ଚାଟ୍

### ଶ୍ରୀମାନ୍ ସର୍ବଗିଳା

# ସଜାଗ ରୁ ସର୍ବନାଶ..

ବଡବାପା କାଶିଆର ପିଲାପିଲି ନହେବାରୁ ସାନଭାଇ ବିଶିଆ ମଲାପରେ ତା'ର ଏକମାତ୍ର ପୁଅକୁ ପିଲାରୁ ସେ ନିଜପୁଅ ବୋଲି କାଗଜପତ୍ର କରିନେଇଥିଲେ । ପୁଅ ବୁଦ୍ଧିଆ ବନାମ ବୁଦ୍ଧଦେବ, ସମସ୍ତଙ୍କ ସ୍ନେହ ଆଦର ପାଇ ଖୁବ ଯତ୍ନରେ ପଢ଼ାପଢି କରି ମାଟ୍ରିକ ପରୀକ୍ଷାରେ ଶତକଡା ତେୟାନବେ ପରସେଣ୍ଟ ନମ୍ବରରଖି ପାସ କରିବାରୁ ଜନମକଲା ମା 'ଠୁ ବଡ଼ମା ବଡବାପା ଭାରିଖୁସି ହୋଇଯାଇଥିଲେ । ପୁଅ ବି ଜିଦିକରିଥିଲା ଗାଁ ପାଖରେ କୋଉ ଛୋଟମୋଟ କଲେଜରେ ନପଢି ବଡ ସହରରେ ଭଲ ସରକାରୀ କଲେଜରେ ପଢିବ ବୋଲି । ଯୋଗକୁ କଟକ ରେଭେନ୍ସା କଲେଜରୁ ନାଁ ଲେଖେଇବା ପାଇଁ ଡାକରା ଆସିବାରୁ ଯଥା ସମୟରେ ସାଙ୍ଗସହ ଯାଇ ଆଡ଼ମିସନ କରି ରହିବାପାଇଁ ପ୍ରାଇଭେଟ ଛାତ୍ରାବାସ ବୁଝିଆସିଥିଲା ।

କଲେଜ ଖୋଲିବା ଆଗରୁ କଟକରେ ରହିବା ଚଳିବାପାଇଁ ଝିଅ ଶାଶୂଘର ଗଲାଭଳିଆ ଯାବତୀୟ ଆବଶ୍ୟକୀୟ ଜିନିଷରେ ଟ୍ରଙ୍କ ବାକ୍ସ ସଜକଲା । ଏମିତିକି ସକାଳ ଜଳଖିଆପାଇଁ ଚୁଡା, ମୁଢି, ଛତୁଆ, ଠାରୁ ନୂଆ ଡ୍ରେସ, ଚାଦର, ବେଡ଼ସିଟ, ନୂଆଜୋତାଯାଏ କିଛି ଛାଡି ନ ଥିଲା । ବଡବାପା ଏସବୁ ଜିନିଷ ସହିତ ଷୋଳହଜାର ଟଙ୍କା ସେଇ ଟ୍ରଙ୍କ ଭିତରେ ରଖି ପୁଅକୁ ନିଜ ବଳଦଗାଡ଼ିରେ ଗାଁ ଠୁ ଛ' କିଲୋମିଟର ଦୂର ରେଳଷ୍ଟେସନକୁ ନେଲାବେଳେ ଦୁଇ ମା' ଓ ବଡବାପା ଆଖିରୁ ଲୁହଗଡେଇ ଢ଼େରେ କାନ୍ଦିଥିଲେ । ବୁଦ୍ଧିଆ ବି ଲୁହପୋଛି ପୋଛି ଯାଉଥିଲା । ଟିକେଟକରି ପୁଅକୁ ପାସେଞ୍ଜର ଟ୍ରେନରେ ଝରକାପାଖ ସିଟରେ ବସେଇ, ବଡ଼ ଓଜନିଆ ଟ୍ରଙ୍କକୁ ଉପରେଥିବା କାଠ ର୍ୟାକ ଉପରେ ରଖି ଓହ୍ଲାଇଗଲେ । ମାତ୍ର ଗାଡି ଛାଡ଼ିବା ଆଗରୁ ଝରକା ପାଖରେ ଠିଆହୋଇ କେମିତି ଯିବ ସଜାଗ କରେଇ ବୁଝାଉଥାନ୍ତି । ତାଗିଦକରି କହୁଥିଲେ... ହେ ପୁଅ ! ହୁସିଆରି ଯିବୁ । ଆଜିକାଲି ବେଳକାଳ ଭଲନାହିଁ । ସହର ବଜାର ଜାଗାରେ ବେଶି ଚୋର । କୋଉ ଗଣ୍ଡଗୋଳରେ ପଶିବୁନି । ମନଦେଇ ପଢ଼ିବୁ । ବେଳରେ ଖାଇବୁ । ଜଳଖିଆପାଇଁ ମା' ମାନେ ଚୁଡା ମୁଢି ବାଦାମ, ବାରମଜା, ଛତୁଆ ଦେଇଛନ୍ତି । ଆରେ ହଁ.. ଶୁଣ । ମୁଁ ତିନି ତିନିଥର ଗଣିକି କାଗଜରେ ଗୁଡେଇ ପୂରା ଷୋହଳ ହଜାର ଟଙ୍କା ତୋ ଟ୍ରଙ୍କ ଭିତରେ ବାଁ ପଟକୁ ନୂଆ ଟରକିସ୍ ଟାଉଲିଆ ତଳେ ରଖିଛି । ଡାହାଣପଟକୁ ତୋ ବୋଉ ଦେଇଥିବା ବୋତଲେ ଖରମରା ଗୁଆଘିଅ, ଅମୁଲୁ ପାକିଟ, ଚିନି ଅଛି । ଟଙ୍କା ସରିବା ଆଗରୁ ଖବରଦବୁ । ସେଇ ଷୋହଳ ହଜାର ଟଙ୍କାରୁ ମେସ ଖରଚ, ଘରଭଡା ଦେଇ ବାକି ଟଙ୍କାରେ ଚଳିବୁ । ହଁ ହଁ ମନେପଡ଼ିଲା... ଟ୍ରଙ୍କରେ ତୋ ବୋଉ ବାକ୍ସର ଯୋଉ ତାଲାଟା ପଡିଛି, ସେଇଟା ଖାଲି ଚିପା ହେଇଛି । ତାର ଚାବି ନାହିଁ । ଭିଡିଦେଲେ ଖୋଲିଯାଏ । କଣ ବୁଝିଲୁ ଟି ? ବୁଦ୍ଧିଆ ମନେମନେ ଚିଡି କହିଲା.. ମୁଁ ଜାଣିଛି । ଏତେ ଗପ ନ କରି ତେମେ ଯାଅ । ହେଲେ ବଡବାପା ନଛୋଡବନ୍ଧା । କହିଲେ.. ତେତେ ନ ବୁଝେଇ କହିଲେ ତୁ ଜାଣିବୁ କେମିତି ? ଶୁଣ । ଗୋଟେ ନୂଆତାଲା କଟକରୁ କିଣି ପକେଇବୁ ଟ୍ରଙ୍କରେ । ଟ୍ରଙ୍କ ଭାରି ଓଜନିଆ । କୁଲିକି ଡାକି ଓହ୍ଲେଇ କି ରେକ୍ସାରେ ନେଇକି ଯିବୁ । ବୁଦ୍ଧିଆ କହିଲା.. ତମେ ଏଥର ଯାଅ । ମାତ୍ର ବଡବାପା କହୁଥାନ୍ତି.. ମୁଁ ନ ବୁଝେଇଲେ ତୁ ଜାଣିବୁ କେମିତି.. ସହର ଜାଗାରେ ନୂଆକରି ଚଳିବୁ କେମିତି ? ଚୋରି ହେଲେ ହଇରାଣ ହବୁ । ତୋ ହଷ୍ଟେଲରେ ପହଞ୍ଚି ଆମ ପଡ଼ିଶା ନୋକା ଘରକୁ ଫୁନ କରି ଜଣେଇବୁ । ତା' ନମ୍ବର ନେଇଛୁ ଟି ? ଗାଡି ସଞ୍ଜୀରେ କଟକରେ ପହଂଚିବ । ହେଇ ଗାଡି ଛାଡିଲା.. ମୁଁ ଯାଉଛି ।

ବୁଦ୍ଧିଆ ବଡବାପାକୁ ନମସ୍କାର କଲା । ଟେନ ଭିତରେ ଭାରି ଭିଡ । ପ୍ରବଳ ଗହଳିରେ ସିଟ ନପାଇ ଉପରେ ତା' ଟ୍ରଙ୍କ ପାଖରେ ବି ଲୋକ ବସିଗଲେଣି ।

ଆରେ ଇଏ କଣ ? ପରଦିନ ଖରାବେଳେ ବୁଦ୍ଧିଆ ତା ଗାଁ ଘରେ ହାଜରହେବା ଦେଖି, ସମସ୍ତେ ଆଶ୍ଚର୍ଯ୍ୟହୋଇ ଧାଇଁଆସିଲେ । ତା' ମୁହଁ ଶୁଖିଯାଇଛି । ଖାଲି ଖାଲି ଆସିଛି । ରାତିସାରା ବୋଧେ ଶୋଇନି କି ଖାଇନି । ବଡବାପା ସମସ୍ତଙ୍କୁ ଘରେ ଗାଳିକରି କହିଲେ.. ସିଏ ଗଲାବେଳେ ତେମେ କାହିଁ କାନ୍ଦିଲ ? ସେଇଥିପାଇଁ ଛୁଆଟା ରହିପାରିଲାନି । ହଇରେ ବୁଦ୍ଧ ! ତୋର କ'ଣ ଆମକଥା ମନେପଡିଲା ? ଯେବେ ମନେପଡିଲା.. ତୁ ନୋକା ଘରକୁ ଫୁନ କରିକି ଆମକୁ ଡାକିଲୁନି ? କଥା ହୋଇଥାନ୍ତୁ । ଏମିତି କାନ୍ଦି ବୋବେଇ ପଳେଇ ଅଇଲୁ କିଆଁ ? ତା' ଦେହ ମୁଣ୍ଡ ପୋଛି ପଚାରିଲେ.. ଏଡ଼େବଡ଼ ଟ୍ରଙ୍କ ରେକ୍ସାକୁ କେମିତି କ'ଣ ମୁଣ୍ଡେଇକି ନେଲୁ କି ?

ବୁଦ୍ଧିଆ ନୀରବରେ ଶୁଣୁଥିଲା । ଏଥର ପାଟିଖୋଲି କହିଲା.. ଟ୍ରଙ୍କକୁ ହଷ୍ଟେଲ କାହିଁ ନେଇଥାନ୍ତି ? ସେଇଟାକୁ ଷ୍ଟେସନରେ ଫୋପାଡ଼ି ଭାରି କଷ୍ଟରେ ମୁଁ ଆସିଲି । ବଡବାପା ରାଗିକି କହିଲେ.. କିରେ, ତୋ ମୁଣ୍ଡ କ'ଣ ଖରାପ ହେଇଗଲା କି ? ଯେବେ ଟେକିପାରିଲୁନି.. କୁଲିକି ପରା ଦଶ କୋଡିଏ ଟଙ୍କା ଦେଇଥିଲେ, ସିଏ ମୁଣ୍ଡେଇ ନେଇଯାଇଥାନ୍ତା.. । ବୁଦ୍ଧିଆ କହିଲା.. ବଡବାପା ! ସବୁ ତମରି ଦୋଷ । ତମକୁ କିଏ କହୁଥିଲା ଏଡ଼େବଡ ପାଟିରେ ମତେ ବୁଝେଇବାକୁ ? ବଡବାପା କହିଲେ.. କିରେ, ତୁ ସିନା ପାଠ ଦି' ଅକ୍ଷର ପଢି ମାଟ୍ରିକ ପାସ କଲୁ ବୋଲି ନିଜକୁ ବଡ ଭାବୁଛୁ । ହେଲେ ଆମ ଆଖିରେ ପରା ତୁ ଛୁଆ । ତୋ'ର କ'ଣ ବୁଦ୍ଧି ଜ୍ଞାନ ହେଲାଣି ଯେ ସଂସାରେ ଚଳିବୁ । ତତେ ସତର୍କ ସଜାଗ ନ କରିବି କେମିତି କହିଲୁ ? ତତେ ଚାଲାଖି ଚତୁର କରିବାକୁ ମୁଁ କହି କ'ଣ ଭୁଲ କଲି ?

– ବଡବାପା ! ତେମେ ମତେନୁହଁ ବରଂ ଚୋରକୁ ଚତୁର କରେଇ ଆସିଲ । ମୁଁ ଟ୍ରଙ୍କ ଟେକିଲାବେଳକୁ ଦେଖିଲି.. ସେଇଟା ଫୁଲଭଳିଆ ହାଲୁକା ଲାଗିଲା । ତା ପେଟ ପୂରା ଖାଲି ହେଇଯାଇଛି । ତମ ସଜାଗ, ମୋର ସର୍ବନାଶ କରିଛି । ଚୁଡା, ମୁଢି, ଟଙ୍କା, ଜୋତା, ଘିଅ, ଅମୁଲ କୋଉଠି କ'ଣ ରଖିଚ ତ କହିଲ । ଶେଷକୁ ତାଲା ପଡୁନି, ଚାବି ନାହିଁ, ଚିପାହେଇଛି ବୁଝେଇଦେଲ । ତାଲାକୁ ଭିଡିଲେ ଖୋଲିଯାଏ କହିଲ । ମୁଁ ଖାଲି ଖୋଳ ଟ୍ରଙ୍କ କ'ଣ ପାଇଁ କୋଉଠିକି କାହିଁକି ନେଇଥାନ୍ତି ? ଉପାସ ଭୋକରେ ମରିପଡ଼ି ପଳେଇଆସିଲି ।

ମୁଣ୍ଡରେ ହାତଦେଇ ସମସ୍ତେ ବସିଗଲେ । ବଡବାପା କହିଲେ କି ମୁଁ ଏତେ ବୁଝେଇଲା ପରେ ବି ସବୁ ଚୋରି ହେଇଗଲା ? କି ଦୁନିଆ ହେଲା ରେ..। ମା' ବଡ ମା' କହିଲେ.. ବାଡ଼ିପଡ଼ା ଚୋରକୁ ମରଣ ହେଲାନି ଯାହା.. । ଟଙ୍କା ପଇସା ସବୁ ଦରବ ନେଲୁ ତ ନେଲୁ, ହେଲେ ମୋ ଛୁଆର ଚୁଡା ମୁଢି ନେଇ, ପିଲାକୁ ମୋର ଉପାସ ଭୋକରେ ରଖିଲୁ । ଛି ଛି.. ଦୟା ଧରମ ଟିକେ ମନରେ ଆସିଲାନି ? ମା' ତା'ର କହିଲେ.. କି କାଳ ଅଇଲା ଲୋ ମା'.., ମତେ ଲାଗୁଛି ଏ ଚୋର ଦିନ ଦି ପହରେ ଗରଭରୁ ଛୁଆ ଚୋରିକରି ପଳେଇବେ । ଆଜିକାଲି ଭଦ୍ର ବେଶରେ ଢ଼େରେ ଚୋର,.. ତେମେ କାହାକୁ ଧରିବ ଧର ।

ଏସବୁ ଶୁଣି ମୁଁ ଭାବୁଥିଲି.. ଆମ ଶିକ୍ଷିତ ସମାଜରେ ଯୋଉଠି ଲେଖା ଚୋରି, ଫିଲ୍ମ ପାଇଁ ଷ୍ଟୋରୀ ଚୋରି, ସଜାଗ ହେଲା ପରେବି ଜାଗା ଜମି, ଚୋରି, ରୋଗୀର କୀଡୀନି ଚୋରି, ବ୍ୟାଙ୍କଖାତାରୁ ଲକ୍ଷ ଲକ୍ଷ ଟଙ୍କା ଚୋରି, ସାଇବ କହି ସାଇବର ଠକେଇର ଶିକାର ମଣିଷ ହୋଇଯାଉଛନ୍ତି, ସେଇଠି ଇଏ ବା କିବା କଥା ? ଧନ୍ୟରେ ଆମ ରାଇଜ ଦେଶ । ଏ ଚୋରଙ୍କ ମହିମା ବଖାଣି ବସିଲେ.. ଗୋଟାଏ ମହାପୁରାଣ ହେଇଯିବ ସିନା, ତଥାପି ଗୁଣଗାନ ସରିବନି ।

*–ମଙ୍ଗରାଜପୁର, ପୁରୀ ମୋ:୭୦୦୮୧୮୮୮୪୭*




# ପୁସ୍ତକ ସମୀକ୍ଷା

## ଅମୃତ ଆଶ୍ଳେଷ

**କବି : ସୁପ୍ରିୟା ପଣ୍ଡା**
**ପ୍ରକାଶକ : ଏଥେନା ବୁକ୍ସ**
**ମୂଲ୍ୟ : ୧୬୦ ଟଙ୍କା**

ପଚାଶ ଗୋଟି କବିତାକୁ ନେଇ ସମୃଦ୍ଧ କବି ସୁପ୍ରିୟା ପଣ୍ଡାଙ୍କ ପ୍ରଥମ କବିତା ସଂକଳନ 'ଅମୃତ ଆଶ୍ଳେଷ' । କବିଙ୍କ କଲମରେ ନିହିତ ଥିବା ସମ୍ଭାବନାକୁ, କବିତାର ମିଠାପଣକୁ , ପ୍ରତିଶ୍ରୁତିବଦ୍ଧତାକୁ ପଢିଲେ ଅନୁଭବ କରିହେବ ନିଜ ଭିତରର ଏକ ଅମୃତ ଅନୁଭବକୁ । ସେହି ଅମୃତ ଅନୁଭବ ହିଁ କବିଙ୍କ ମନରେ ସୃଷ୍ଟି କରେ ଓଁକାର ଧ୍ୱନି ଓ ସେହି ଧ୍ୱନିର ନିବିଡ଼ ଆଶ୍ଳେଷରୁ ଜନ୍ମ ନିଏ କବିଙ୍କ କବିତା । ଅଯଥା ଶବ୍ଦ ଆଡମ୍ବର ନାହିଁ, ନାହିଁ ବି ଦାର୍ଶନିକତାର ଆଟୋପ କବିତାଗୁଡିକରେ । ଭାବନାର ସ୍ୱଷ୍ଟ, ସରଳ ପରିପ୍ରକାଶ ହେବା ସଂଗେ ସଂଗେ କିଛି କିଛି କବିତାରେ ଚପଳ ଆବେଗର ନିଚ୍ଛକ ଚିତ୍ର ପାଇ ହେବ କବିତା ସଂକଳନଟିରେ । ଏହା ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ବିଶ୍ୱାସ ।




## ଆକାଂକ୍ଷିତ ସନ୍ଧ୍ୟାଟିଏ

**କବି–ତୃପ୍ତି ରଂଜନ ଦାସ**
**ପ୍ରକାଶକ–ଶାନ୍ତିସେନା, ମୂଲ୍ୟ–୧୫୦ଟଙ୍କା**

ଶାନ୍ତିସେନା ପ୍ରକାଶନୀ ତରଫରୁ ପ୍ରକାଶ ପାଇଛି ନବ ପ୍ରଜନ୍ମର କବି ତୃପ୍ତି ରଂଜନ ଦାସଙ୍କ କବିତା ସଙ୍କଳନ 'ଆକାଂକ୍ଷିତ ସନ୍ଧ୍ୟାଟିଏ' । ଶବ୍ଦ ଓ ଭାବ ଭିତରେ ଏକ ଅପୂର୍ବ ସମନ୍ୱୟ ରଖି ପ୍ରେମିକାକୁ 'ଆକାଂକ୍ଷିତ ସନ୍ଧ୍ୟାଟିଏ' ଭେଟି ଦେବାର ଅପୂର୍ବ କ୍ଷମତା ରଖିପାରନ୍ତି କବି ତୃପ୍ତି ରଞ୍ଜନ । ସେଥିପାଇଁ ତ ମୁକ୍ତ ସ୍ୱରରେ ସେ ସ୍ୱୀକାର କରନ୍ତି: ପୁଣି ଅପେକ୍ଷା ଆଉ ଏକ ସଂଜକୁ/ଯେଉଁଠି ତୁମେ ମୋ ପାଇଁ /କେଶକୁ ରିବନ୍ ମୁକ୍ତ କରିବ/କଳା ଟିକିଲିଟେ ପିନ୍ଧିବ/ଆଖି ପୁରାଇ ଦେଖିବି/' ଏଥର ଖୁସି... ' କହି ତୁମେ ହସିବ । 'ତରୁଣ କବିଙ୍କର ପରିପକ୍ୱ ଦୃଷ୍ଟିଭଙ୍ଗୀକୁ ପାଠକ ଅନୁଭବ କରିପାରିବ ସଙ୍କଳନସ୍ଥ ଅନେକ କବିତାରେ । 'ଆକାଂକ୍ଷିତ ସନ୍ଧ୍ୟାଟିଏ' କବିତା ସଙ୍କଳନରେ ତରୁଣ କବି ତୃପ୍ତିରଞ୍ଜନ ପ୍ରେମ ମନସ୍କ ନୁହଁ ବରଂ ବେଶି ବେଶି ଜୀବନ ମନସ୍କ ଲାଗିବେ । ଏହା ନିଶ୍ଚୟ ପାଠକୀୟ ସ୍ୱୀକୃତି ଲାଭ କରିବ ।




## ପୂଣ୍ୟଭୂମି ଭାରତ


**ଲେଖକ– ଶରତ ଚନ୍ଦ୍ର ସେନ୍**
**ପ୍ରକାଶକ: ଜାତୀୟ ସାହିତ୍ୟ ପ୍ରକାଶନୀ**
**ମୂଲ୍ୟ: ୧୫୦ଟଙ୍କା**

ଲେଖକ ଶରତ ଚନ୍ଦ୍ର ସେନ୍ ଏହି ପୁସ୍ତକ ମାଧ୍ୟମରେ ରାଷ୍ଟ୍ରବୋଧର ଭାବନା ଆଣିବା ପାଇଁ ପ୍ରଥମେ ସମସ୍ତଙ୍କୁ ରାଷ୍ଟ୍ର ସହ ପରିଚିତ କରାଇଛନ୍ତି । ଅଖଣ୍ଡ ଭାରତବର୍ଷର ମାନଚିତ୍ରକୁ ଆଖିଆଗରେ ରଖି ସେ ରାଷ୍ଟ୍ରର ଶ୍ରେଷ୍ଠ ପର୍ବତଶ୍ରେଣୀ, ପୂଣ୍ୟତୋୟା ନଦୀ, ଚତୁର୍ଦ୍ଧାମ ମଠ, ସରୋବର, ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଆଦି ଭାରତର ସବୁଦିଗରେ ଥିବା ବିଭିନ୍ନ ପବିତ୍ରତମ ସ୍ଥାନଗୁଡିକ ସହିତ ପରିଚିତ କରାଇଛନ୍ତି । ଯେଉଁଥିରେ ସେ ସେହି ସ୍ଥାନଗୁଡିକର ଭୌଗୋଳିକ ଅବସ୍ଥିତି, ଲୋକକଥା କିମ୍ବଦନ୍ତୀ ଓ ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ବେଶ୍ ସରଳ ଭାଷାରେ ବର୍ଣ୍ଣନା କରିଛନ୍ତି । ପୁସ୍ତକଟି ଯେକୌଣସି ବିଦ୍ୟାର୍ଥୀଙ୍କ ପାଇଁ ଏକ କ୍ଷୁଦ୍ର ସହାୟକ ପୁସ୍ତକ ଭାବେ ପରିଗଣିତ ହୋଇ ପାରିବ ଏଥିରେ ସନ୍ଦେହ ନାହିଁ ।



# ଚୁଟିକୁ ଦଉଡ଼ି କରି ଖେଳିଲେ ସ୍କିପିଂ

ଲମ୍ବା କେଶ ଥିବା ରାଜକୁମାରୀ ରାପୁନଜେଲ୍‌ର କାହାଣୀ ଅନେକେ ଶୁଣିଥିବେ। ନିଜ ଲମ୍ବା କେଶକୁ ସେ ସୁଉଚ୍ଚ ଦୁର୍ଗର ଝରକାରୁ ଲମ୍ବାଇ ଦେଇଥିଲେ, ଯାହା ଭୂମି ପର୍ଯ୍ୟନ୍ତ ଲମ୍ବି ଥିଲା। ଆଉ ରାଜକୁମାର ତାକୁ ଧରି ଚଢ଼ିଥିଲେ ଦୁର୍ଗ। ଏ ତ ଥିଲା ଏକ କାହାଣୀ। ହେଲେ ବାସ୍ତବରେ ଜଣେ ଯୁବତୀଙ୍କ କେଶ ଏତେ ଲମ୍ବା ଯେ, ସେ ସେଇ କେଶକୁ ଦୁଇ ହାତରେ ଧରି ସ୍କିପିଂ ଖେଳିପାରୁଛନ୍ତି। କଥାଟି ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ। ତେବେ ପଶ୍ଚିମ ଆଫ୍ରିକା, ଆବିଦଜାନସ୍ଥ ଆଇଭରି କୋଷ୍ଟର ୨୫ ବର୍ଷୀୟା



ଚେରିଫ ଫଟୌ ଲେତିତିଆ କାଏ ୨୦୨୧ ମାର୍ଚ୍ଚ ୨ ତାରିଖରେ ଏହା ସମ୍ଭବ କରିଦେଖାଇଥିଲେ। ସେ କାନର ଦୁଇ ପାର୍ଶ୍ୱରେ ନିଜର ଲମ୍ବା ଚୁଟିରେ ଦୁଇଟି ଲମ୍ବା ବେଣି କରି ତାକୁ ସାମ୍‌ନାଭାଗରେ ଯୋଡି ଦେଇଥିଲେ। ଫଳରେ ତାହା ସ୍କିପିଂ ଦଉଡି ପରି ହୋଇଯାଇଥିଲା। ଆଉ ତାକୁ ଦୁଇ ହାତରେ ଧରି ସ୍କିପିଂ ଦଉଡ଼ି ବୁଲାଇବା ପରି ଦୁଇ ହାତରେ ବୁଲାଇ ଡେଇଁ ଡେଇଁ ସ୍କିପିଂ ଖେଳିଥିଲେ। ୩୦ ସେକେଣ୍ଡରେ ସେ ୬୦ ଥର ଏଭଳିଭାବେ କେଶରେ ସ୍କିପିଂ ଖେଳି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲେ। ଖାଲି ସେତିକି ନୁହେଁ, ସେ ନିଜର କେଶରେ ବିଭିନ୍ନ ସ୍ଥାପତ୍ୟ ବି କରନ୍ତି। ଅର୍ଥାତ୍ ଚୁଟିକୁ ବିଭିନ୍ନ ପ୍ରକାର ଆକାର ଦେଇ ମୁଣ୍ଡରେ ସୁନ୍ଦର କଳାକୃତିମାନ ତିଆରି କରିପାରନ୍ତି। ଯେଉଁଥିପାଇଁ ସେ ବେଶ୍ ଚର୍ଚ୍ଚାରେ ରୁହନ୍ତି।

ବ୍ୟାକ୍ ପେଜ୍




# ସ୍କୁଟର ଚଳାଇ ବୁଲୁଛନ୍ତି କୁକୁର ବିଲେଇ





ଆମେ ଜାଣୁ କୁକୁର, ବିଲେଇର ସମ୍ପର୍କ କିପରି। କହିବାକୁ ଗଲେ ଅହି ନକୁଳ ସମ୍ପର୍କ ଥାଏ ଏମାନଙ୍କ ଭିତରେ। ବିଲେଇକୁ ଦେଖିଲେ କୁକୁର କାମୁଡ଼ି ଗୋଡ଼ାଏ। ହେଲେ କାନାଡାରେ ବିଲେଇ କୁକୁର ସମ୍ପର୍କର ଏକ ସମ୍ପୂର୍ଣ୍ଣ ବିପରୀତ ଛବି ଦେଖିବାକୁ ମିଳେ। ଏଠାରେ ଲଲିପପ୍ ନାମକ ଏକ କୁକୁରର ସଶିମି ନାମକ ବିଲେଇ ସହ ଏଭଳି ବନ୍ଧୁତା ହୋଇଯାଇଛି ଯେ, ତାହା ଦୃଷ୍ଟାନ୍ତ ପାଲଟି ଯାଇଛି। ଏମାନେ କେବଳ ଯେ ଭଲ ବନ୍ଧୁ ତାହା ନୁହେଁ, ସ୍କୁଟର ଚଳାଇ ଦୁହେଁ ବେଶ୍ ମଜାରେ ଘର ଭିତରେ ଓ ରାସ୍ତାରେ ବୁଲନ୍ତି। ଅବସର ବିତାଇବାର ଏହା ସେମାନଙ୍କର ଏକ ଭଲ ମାଧ୍ୟମ। ମାଲିକାଣୀ ମେଲିସାମିଲେଟ୍ କୁହନ୍ତି, ଆମେ କେହି ସେମାନଙ୍କୁ ସ୍କୁଟର ଚଳାଇ ଏକାଠି ବୁଲିବା ପାଇଁ ତାଲିମ ଦେଇ ନାହୁଁ। ବରଂ ସେମାନେ ନିଜେ ଏହି ଟ୍ରିକ୍ ଖୋଜି ପାଇଛନ୍ତି; ଯାହାକୁ ଦେଖି ପ୍ରଥମେ ଆମେ ବି ଚକିତ ହୋଇଯାଇଥିଲୁ। ଆଉ ଆମେ ଭାବିଲୁ ଦୁହେଁ ସ୍କୁଟର ଚଳାଇ ୱାର୍ଲ୍ଡ ରେକର୍ଡ ବି କରିପାରିବେ। ତାହା ସତ ବି ହେଲା। ୫ ମିଟର ରାସ୍ତାକୁ ଦୁହେଁ ସ୍କୁଟରରେ ୪.୩୭ ସେକେଣ୍ଡରେ ଅତିକ୍ରମ କରି ୱାର୍ଲ୍ଡ ରେକର୍ଡ କଲେ।



# ଯୁବକ ତିଆରି କଲେ ୬ ସିଟର୍ ଇଲେକ୍ଟ୍ରିକ୍ ବାଇକ୍

ବେଳେବେଳେ କମ୍ ପଢିଥିବା ଓ ଗାଁ ଗହଳିରେ ରହୁଥିବା ବ୍ୟକ୍ତି ଏମିତି କିଛି କାମ କରି ଦେଖାନ୍ତି, ଯାହା ବେଶ୍ ଅବିଶ୍ୱସନୀୟ ଲାଗେ। ନିକଟରେ ଭାଇରାଲ ହୋଇଥିବା ଏକ ଭିଡିଓ ତାହା ପ୍ରମାଣିତ କରି ଦେଖାଇଛି। ଏମିତି କି ଆନନ୍ଦ ମହିନ୍ଦ୍ରା ବି ସେହି ଭିଡିଓକୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରିଛନ୍ତି। ଏହି ଭିଡିଓଟି ହେଉଛି ଗାଁର ଜଣେ ସାଧରଣ ଯୁବକ ତିଆରି କରିଥିବା ଏକ ଅଜବ ଇଲେକ୍ଟ୍ରିକ୍ ବାଇକ୍‌ର, ଯେଉଁଥିରେ ୬ ଜଣ ଆରାମରେ ବସି ପାରୁଛନ୍ତି। ବାଇକ୍‌ର ଆଗରେ ଏହାକୁ ତିଆରି କରିଥିବା ଯୁବକ ବସିଥିବାବେଳେ ପଛପଟେ ସଂଯୋଗ ହୋଇଥିବା ୫ଟି ସିଟ୍‌ରେ ଆଉ ପାଞ୍ଚଜଣ ବସିଛନ୍ତି। ବାଇକ୍‌ର ଆଗପଟେ ଗୋଟିଏ ଚକ ଓ ପଛପଟେ ଗୋଟିଏ ଚକ ଲାଗିଛି। ଆଗରେ ଏଲଇଡି ଲାଇଟ୍ ବି ଲାଗିଛି। ଯୁବକଙ୍କ କହିବାନୁସାରେ ବାଇକ୍‌ଟିକୁ ସେ ୧୨ହଜାର ଟଙ୍କା ଖର୍ଚ୍ଚ କରି ତିଆରି କରିଛନ୍ତି। ଏହାକୁ ଚାର୍ଜ କଲେ ମାତ୍ର ୧୦ ଟଙ୍କା ଖର୍ଚ୍ଚ ହୁଏ। ଆଉ ଗୋଟିଏ ଥର ଚାର୍ଜରେ ଗାଡି ୧୫୦ କି.ମି. ଯାଇପାରେ। ଆନନ୍ଦ ମହିନ୍ଦ୍ରା ଉକ୍ତ ଭିଡିଓକୁ ଶେୟାର କରିବା ସହ ଲେଖିଛନ୍ତି ଯେ, 'ମୁଁ ସବୁବେଳେ ଗ୍ରାମୀଣ କ୍ଷେତ୍ରରେ ହେଉଥିବା ଟ୍ରାନ୍ସପୋର୍ଟର ଆବିଷ୍କାର ଦେଖି ଚକିତ ହୋଇଯାଏ। ଆଉ ଏହି ବାଇକ୍‌ରେ ତ ଛୋଟମୋଟ ପରିବର୍ତ୍ତନ କରିଦେଲେ ତାହା ବିଶ୍ୱ ସ୍ତରରେ ବ୍ୟବହାର କରି ହେବ।'